ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୦ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 20 JUNE 2023

Vol.No. 34 ■ No. 161■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୩ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତିର ଉତ୍ତରଣ ଓ ଆଧ୍ୟାତ୍ମ ଅନ୍ୱେଷଣର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବର ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR: 15001/13/0057/2324

ଆଜି ବିଶ୍ୱ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା

ସିଂହଦ୍ୱାରରେ ଶ୍ରୀଜିଉଙ୍କ ଅପେକ୍ଷାରେ ୩ ରଥ

ପୁରୀ, ୧୯/୦୬ (ନି.ପ୍ର): ରାତି ପାହିଲେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ସିଂହଦ୍ୱାରରେ ପ୍ରସ୍ତୁତ ହୋଇ ରହିଛନ୍ତି ତିନି ରଥ ତାଳଧ୍ୱଜ, ଦେବଦଳନ ଆଉ ନନ୍ଦିଘୋଷ । କେବଳ ଶ୍ରୀଜିଉମାନଙ୍କ ଆଗମନକୁ ଅପେକ୍ଷା । ସେପଟେ ଆଜି ଶ୍ରୀମନ୍ଦିରରେ ଭକ୍ତଙ୍କୁ ନବଯୌବନ ବେଶରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାମୂରତି । ୧୫ଦିନର ଅନବସର ପରେ ଆଜି ବିଶ୍ୱ ନିୟନ୍ତାଙ୍କ ଦର୍ଶନ ପାଇ ଆତ୍ମବିଭୋର ହୋଇଉଠିଛି ଭକ୍ତ ମନ । ଭାବର ଠାକୁର ସିଏ ଭାବ ବିନୋଦିଆ । ଭଗବାନଙ୍କ ପାଇଁ ଭାବବିହ୍ୱଳ ଭକ୍ତ ମନ । ଚକାନୟନ ସହିତ ନୟନ ମିଶାଇବାକୁ ଉଚ୍ଛୁନ୍ନ ହେଲାଣି ଭକ୍ତର ମନ । ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କ ମିଳନ ଦେଖିବ ସାରା ଜଗତ । ସିଂହ ଦ୍ୱାର ସାମ୍ନାରେ ପ୍ରସ୍ତୁତ ହୋଇ ରହିଛନ୍ତି ତିନି ରଥ । ରଥ ପ୍ରସ୍ତୁତ, ପଥ ପ୍ରସ୍ତୁତ । କେବଳ ଅପେକ୍ଷା ମହାପ୍ରଭୁଙ୍କ ଆଗମନକୁ । କେମିତି ନିଜର ପ୍ରିୟର ଠାକୁରଙ୍କୁ ଟିକେ ଆଖି ପୂରାଇ ଦେଖିବ ଭକ୍ତ । କେମିତି ତାଙ୍କ ସହ ଭାବର ଆଦାନ ପ୍ରଦାନ କରିବ । କେମିତି ତା' ମନରେ ଥିବା ସବୁ ଦୁଃଖକୁ ଜଣାଇବ । ସେଥି ପାଇଁ ବ୍ୟାକୂଳ ହେଲାଣି ଭକ୍ତର ହୃଦୟ । ଅନବସର ନୀତି ପାଇଁ ଭକ୍ତଙ୍କ ଠାରୁ ଦୂରେଇ ଯାଇଥିଲେ ଜଗନ୍ନାଥ । ୧୫ଦିନ ପରେ ଆଜି ପୁଣି ଦର୍ଶନ ଦେଇଛନ୍ତି ମହାପ୍ରଭୁ । ପୁଣି ନବଯୌବନ ବେଶରେ ।

▶▶ପୃଷ୍ଠା ୭

୨ରୁ ୩ ଦିନରେ ଓଡ଼ିଶା ଛୁଇଁବ ମୌସୁମୀ

ଭୁବନେଶ୍ୱର, ୧୯/୦୬ (ନି.ପ୍ର): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡିଶାରେ ପ୍ରବେଶ କରିବାକୁ ପାଗ ଅନୁକୂଳ ରହିଛି। ଆଗାମୀ ୨ରୁ ୩ ଦିନ ଭିତରେ ଓଡ଼ିଶା ଛୁଇଁବ ମୌସୁମୀ। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅପରପକ୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ତାପମାତ୍ରା ହ୍ରାସ ପାଇଥିଲେ ମଧ୍ୟ ପଶ୍ଚିମ ଓଡିଶାରେ ତାତି କମୁନାହିଁ। ସୋମବାର ଦିନ ୭ ଟି ଜିଲ୍ଲାର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ସୁନ୍ଦରଗଡ ଜିଲ୍ଲାରେ ସର୍ବାଧିକ ୪୪.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଝାରସୁଗୁଡାରେ ୪୧.୬, ରାଉରକେଲାରେ ୪୦.୮, ସମ୍ବଲପୁର, ଟିଟିଲାଗଡ ଓ ଯାଜପୁରରରେ ୪୦.୫ , ହୀରାକୁଦରେ ୪୦.୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରରେ ୩୬.୬ ଓ କଟକରେ ୩୫.୮ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି।

କଣ୍ଠଶିଳ୍ପୀ ସୌରୀନଙ୍କୁ ଧରିବାକୁ କୋଲକାତା ଯିବ ସ୍ୱତନ୍ତ୍ର ପୁଲିସ୍ ଟିମ୍

ଭୁବନେଶ୍ୱର, ୧୯/୦୬ (ନି.ପ୍ର): କଣ୍ଠଶିଳ୍ପୀ ସୌରୀନ ଭଟଙ୍କ ବିରୋଧରେ ଶୋଷଣ ଅଭିଯୋଗ ମାମଲାର ତଦନ୍ତ ଲାଗି ଆସନ୍ତାକାଲି କୋଲକାତା ଯିବ କଟକ କମିଶନରେଟ ପୋଲିସର ଏକ ଚାରିଜଣିଆ ଟିମ। ଏଥିରେ ମହିଳା ଥାନା ଅଧିକାରୀ ଓ ସ୍ପେଶାଲ ସ୍କ୍ୱାଡ ସଦସ୍ୟ ସାମିଲ ଅଛନ୍ତି। ସୌରୀନ ଭଟ ମହିଳା ଥାନାରେ ହାଜର ନ ହେବା କାରଣରୁ ତାଙ୍କୁ ଧରିବା ଲାଗି ପୋଲିସ ଟିମ୍ କୋଲକାତା ଯିବ। ପୁଲିସ ପକ୍ଷରୁ କୁହାଯାଇଛି ଯେ ସୌରୀନଙ୍କ ଟେଲିଫୋନ ସୁଇଚ ଅଫ ଅଛି। ପୁଲିସ ପକ୍ଷରୁ ବାରମ୍ବାର ଯୋଗାଯୋଗ କରାଯାଇଛି। କଟକ ସିଡିଏ ଅଂଚଳରେ ସୌରୀନ ଏକ ଘର ଭଡ଼ାରେ ନେଇଛନ୍ତି। କଟକ ଆସିଲେ ସୌରୀନ ସେହି ଘରେ ରୁହନ୍ତି। ସେଠାକୁ ଯାଇ ପୁଲିସ ତଦନ୍ତ କରିସାରିଛି। ଘର ମାଲିକଙ୍କୁ ନୋଟିସ କରାଯାଇଛି। ଉଲ୍ଲେଖଯୋଗ୍ୟ, ବଲିଉଡ ତଥା ଓଲିଉଡ କଣ୍ଠଶିଳ୍ପୀ ସୌରୀନ ଭଟଙ୍କ ବିରୁଦ୍ଧରେ ଜଣେ ଓଡ଼ିଆ ଗାୟିକା ମହିଳା ଥାନାରେ ଏତଲା ଦେଇଲେ। ପ୍ରଲୋଭନ ଦେଖାଇ ବିବାହ ପ୍ରତିଶ୍ରୁତି, ପ୍ରତାରଣା, ନିର୍ଯାତନା ଓ ଶୋଷଣ କରିବା ନେଇ ସୌରୀନଙ୍କ ବିରୋଧରେ ପୀଡ଼ିତା କଣ୍ଠଶିଳ୍ପୀ ଅଭିଯୋଗ କରିଥିଲେ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଶ୍ରୀଗୁଣ୍ଡିଚା ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସୁଖ ଓ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରୁଛି।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0057/2324

ବିବାଦରେ 'ଆଦିପୁରୁଷ': ମନୋଜଙ୍କୁ ସୁରକ୍ଷା ଯୋଗାଇଲା ପୁଲିସ

ନୂଆଦିଲ୍ଲୀ, ୧୯/୦୬ :ଫିଲ୍ମ 'ଆଦିପୁରୁଷ'କୁ ନେଇ ବିବାଦ ବଢୁଥିବା ବେଳେ ଏହାର ସଂଳାପ ଲେଖକ ମନୋଜ ମୁନ୍ତଶିର ଶୁକ୍ଳାଙ୍କ ମୁମ୍ବାଇ ପୁଲିସ ସୁରକ୍ଷା ଯୋଗାଇ ଦେଇଛି। ତାଙ୍କ ଜୀବନ ପ୍ରତି ବିପଦ ଅଛି କହି ସୁରକ୍ଷା ଯୋଗାଇ ଦେବାକୁ ମନୋଜ ମନ୍ତଶିର ମୁମ୍ବାଇ ପୁଲିସକୁ ଅନୁରୋଧ କରିଥିଲେ। ପୁଲିସ୍ ତାଙ୍କୁ ସୁରକ୍ଷା ଯୋଗାଇ ଦେବା ସହିତ ଘଟଣାର ତଦନ୍ତ ମଧ୍ୟ କରୁଛି। 'ଆଦିପୁରୁଷ'ର କିଛି ସିନ୍ ଓ ସଂଳାପକୁ ନେଇ ବିବାଦ ଦେଖାଯାଇଛି। ଦେଶର ବିଭିନ୍ନ ଭାଗରେ ଏହାକୁ ନେଇ ବିରୋଧ ପ୍ରଦର୍ଶନ କରାଯାଉଛି। ଏମିତିକି ଫିଲ୍ମଟିକୁ ବ୍ୟାନ କରିବାକୁ ଅନେକ ଦାବି କରିଛନ୍ତି। ବିବାଦୀୟ ସଂଳାପ ଉପରେ ପୂର୍ବରୁ ମନୋଜ ମୁନ୍ତଶିର ସଫେଇ ଦେଇଥିଲେ। ସେ କହିଥିଲେ ଯେ ସେ କିଛି ଭୁଲ କରି ନାହାନ୍ତି। ସବୁ କିଛି ଧ୍ୟାନପୂର୍ବକ କରାଯାଇଥିଲା। ଫିଲ୍ମରେ ସବୁ ଚରିତ୍ର ଗୋଟିଏ ଭାଷା କେମିତି କହିବେ ବୋଲି ସେ କହିଥିଲେ। ସେହିପରି ବିବାଦ ବଢୁଥିବା ଦେଖି ପରେ ସେ କହିଥିଲେ ଯେ ଫିଲ୍ମର କୌଣସି ସଂଳାପଗୁଡ଼ିକ ଲୋକଙ୍କୁ ଭଲ ଲାଗୁ ନାହିଁ, ତା'ହେଲେ ସେଗୁଡ଼ିକୁ ବଦଳାଇ ଦିଆଯିବ। ନେପାଳରେ 'ଆଦିପୁରୁଷ'କୁ ବ୍ୟାନ କରି ଦିଆଯାଇଛି। ଏବେ ଉତ୍ତର ପ୍ରଦେଶରେ ଏହାକୁ ବ୍ୟାନ କରିବା ପାଇଁ ଦାବି ଉଠିଛି। ଫିଲ୍ମ ନିର୍ମାତା ହିନ୍ଦୁ ଲୋକଙ୍କ ଧାର୍ମିକ ମନୋଭାବ ପ୍ରତି ଆଘାତ ପହଞ୍ଚାଇଥିବା ଅଭିଯୋଗ ହୋଇଛି।

ରଥଯାତ୍ରା ଉପଲକ୍ଷେ ବାର୍ତ୍ତା

ଓଡ଼ିଆ ଅସ୍ମିତା ଏବଂ ସାଂସ୍କୃତିକ ଗୌରବର ସର୍ବୋତ୍ତମ ପରିଚୟ ତଥା ଜଗତର ନାଥ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଆମ ରାଜ୍ୟର ସମୃଦ୍ଧି ଓ ଅଭିବୃଦ୍ଧି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ନମ୍ର ପ୍ରଣତି ଜଣାଉଛି।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR: 15001/13/0057/2324

ବାହାନଗା ଟ୍ରେନ୍ ଦୁର୍ଘଟଣା

ସେକ୍ସନ ସିଗ୍ନାଲ ଜେଇଙ୍କ ଭଡ଼ା ଘର ସିଲ୍, ବାହାନଗା ଷ୍ଟେସନ ମାଷ୍ଟରଙ୍କ ଘରେ ସିବିଆଇ ଚଢାଉ

ଭୁବନେଶ୍ୱର, ୧୯/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଆଜି ସୋର ସେକସନ ସିଗନାଲ ଜୁନିୟର ଇଂଜିନିୟର (ଜେଇ)ଙ୍କ ଭଡ଼ା ଘର ସିଲ୍ ହୋଇଛି। ସୋର ଥାନା ଅନ୍ତର୍ଗତ କମରପୁରସ୍ଥିତ ସୋର ସେକସନ ସିଗନାଲ ଜେଇ ଅମୀର ଖାନଙ୍କ ଠିକଣାରେ ଆଜି ସିବିଆଇ ଚଢ଼ଉ ପରେ ଘର ସିଲ କରିଥିବା ଜଣାପଡିଛି। ସେହିପରି ସନ୍ଧ୍ୟାରେ ବାହାନଗା ଷ୍ଟେସନ୍ ମାଷ୍ଟର ଏସ୍‌ପି ମହାନ୍ତିଙ୍କ ଘରେ ସିବିଆଇ ଟିମ୍ ଚଢ଼ାଉ କରିଛି। ସୋର ବ୍ଲକ୍ ତେଂଟେଇ ସ୍ଥିତ ବାହାନଗା ଷ୍ଟେସନ୍ ମାଷ୍ଟରଙ୍କ ଘରେ ପହଂଚି ସିବିଆଇ ଟିମ୍ ପଚରାଉଚରା ଆରମ୍ଭ କରିଛି। ସୂଚନା ଅନୁସାରେ ସୋର ସେକସନ ସିଗନାଲ ଜୁନିୟର ଇଂଜିନିୟର ଅମୀର ଖାନ୍ ଙ୍କ ଭଡ଼ାଘରେ ସିବିଆଇର ୪ ଜଣିଆ ଟିମ୍ ଆଜି ସକାଳ ୮ଟାରୁ ଚଢ଼ଉ କରିଥିଲେ। ସିବିଆଇର ଏହି ଟିମ୍ ରେ ଓଆରପିର ୨ ଜଣ କନଷ୍ଟେବଳ ଓ ଅନ୍ୟ ୨ ଜଣ କର୍ମଚାରୀ ସାମିଲ ଥିଲେ। କିନ୍ତୁ ସେଠାରେ କେହି ନଥିବାରୁ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। ଶେଷରେ ସିବିଆଇ ଟିମ୍ ଭଡ଼ା ଘରକୁ ସିଲ କରିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୨ ତାରିଖ ଦିନ ବାହାନଗରେ ଶାଲିମାର-ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ୍, ଯଶବନ୍ତପୁର-ହାୱଡା ଓ ଏକ ମାଲଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା କାରଣରୁ ୨୯୨ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ୧ହଜାରରୁ ଅଧିକ ଲୋକ ଆହତ ହୋଇଥିଲେ।

ବିହାର ମୁଙ୍ଗେରରୁ ଓଡିଶା ଚୋରା ବନ୍ଧୁକର ଚେର ଲମ୍ବିଛି

ଖୋର୍ଦ୍ଧା, ୧୮/୦୬ (ନି.ପ୍ର): ଖୋର୍ଦ୍ଧା ସହର ଏବେ ନିଶା କାରବାରର ହବ୍ ପାଲଟିଛି । ଏପରିକି ଚୋରା ବନ୍ଧୁକ କାରବାର ମଧ୍ୟ ବୃଦ୍ଧି ପାଇ ଚାଲିଛି । ଅନେକ ଅସାମାଜିକ ଯୁବକଙ୍କ ନିକଟରେ ରହିଛି ବନ୍ଧୁକ । ମାରଣାସ୍ତ୍ର, ବୋମା ପରିବର୍ତେ ଏବେ କଥା କଥାକେ ଫୁଟୁଛି ଗୁଳି । ସହରରେ ଅପରାଧ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ । ବିହାରର ମୁଙ୍ଗେର ଆଉ ଝାଡ଼ଖଣ୍ଡ ଆଦି ପଡ଼ୋଶୀ ରାଜ୍ୟରୁ ଅପରାଧୀମାନେ ୧୦ରୁ ୧୫ ହଜାର ଟଙ୍କାରେ ଚୋରା ବନ୍ଧୁକ ପାଇଯାଉଛନ୍ତି । ତେବେ ବନ୍ଧୁକ କାରବାର ପଛରେ ଏକ ରାକେଟ୍ କାମ କରୁଛି । ବିଭିନ୍ନ ଗଳାବାଟ ଦେଇ ବନ୍ଧୁକ ଖୋର୍ଦ୍ଧାରେ ପହଂଚୁଛି । ପୋଲିସ ଏହାକୁ ରୋକିବାରେ ବିଫଳ ହୋଇଥିବା ନେଇ ସହରରେ ଆଲୋଚନା ହେଉଛି । ଅନ୍ୟପକ୍ଷରେ କୌଣସି ଅଭିଯୁକ୍ତ ବନ୍ଧୁକ ସହ ଗିରଫ ହେଲେ ବନ୍ଧୁକ କେଉଁଠୁ ଆଣିଛନ୍ତି, କିଏ ଏମାନଙ୍କୁ ଯୋଗାଇ ଦେଉଛି, ଏମାନଙ୍କ ସାଥିରେ ଅନ୍ୟ କେଉଁମାନେ ଅଛନ୍ତି, ସେ ସବୁ ଦିଗ ଉପରେ ପୋଲିସ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଫଳରେ ସହରରେ ବେଆଇନ ଭାବେ ବନ୍ଧୁକ କାରବାର ବୃଦ୍ଧି ପାଇ ଚାଲିଛି । ପ୍ରକାଶ ଥାଉକି, ଗତ ୭ ତାରିଖ ଆଦର୍ଶ ଥାନା ଅନ୍ତର୍ଗତ ଠେଙ୍ଗାହାଟ ଛକରେ ଦୁର୍ବୃତଙ୍କ ଗୁଳିମାଡ଼ରେ ଡ୍ରଗ୍ସ ବେପାରୀ ସୋମନାଥ ଭୁଜବଳ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ମୃତ୍ୟୁବରଣ କରିଥିଲେ । ସେହିପରି ଗତ ୧୫ ତାରିଖରେ ପାନବରଜ ଗୁଳିକାଣ୍ଡ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୨ଟି ବନ୍ଧୁକ ଓ ୩ ଗୁଳି ଜବତ କରିଛି । ୨୦୨୨ ମସିହାରେ ଖୋର୍ଦ୍ଧା ପୋଲିସ ୨୦୨୦ ଦଧିମାଛଗାଡିଆ ଲାଲା ପ୍ରଧାନ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ମହେଶ୍ୱର ସାହୁକୁ ଜଟଣୀ ବାଇପାସ୍ ଠାରୁ ଧରିଥିବା ବେଳେ ତାଠାରୁ ୩ କେଜି ୬୦୨ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଦେଶୀ ବନ୍ଧୁକ, ଗୁଳି ଜବତ କରିଥିଲା । ୨୦୨୨ ଏପ୍ରିଲ ୨୭ରେ ଖୋର୍ଦ୍ଧା ପୋଲିସ ଜଙ୍କିଆ ଥାନା ଡମଣଭୂଇଁ ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ ଘରେ ବନ୍ଧୁକ ତିଆରି କାରଖାନା ଚାଲିଥିବା ଖବର ପାଇ ସେଠାରେ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଥିଲା । ସେଠାରୁ ୩ଟି ଦେଶୀ ବନ୍ଧୁକ, ୬ଟି ଗୁଳି, ୨ଶହ ଗ୍ରାମ୍ ଗନ୍ ପାଉଡର, ଖାଲି କାର୍ଟ୍ରିଜ ଏବଂ ବନ୍ଧୁକ ତିଆରି ସାମଗ୍ରୀ ମଧ୍ୟ ଜବତ ହୋଇଥିବା ସେ ସମୟରେ ତତ୍କାଳୀନ ଏସପି ଅଲେଖ ଚନ୍ଦ୍ର ପହି ସୂଚନା ଦେଇଥିଲେ । ମାର୍ଚ୍ଚର ଦୁଇ ସପ୍ତାହ ମଧ୍ୟରେ ପୋଲିସ ବିଭିନ୍ନ ମାମଲାରେ ୧୨ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ୬ଟି ବନ୍ଧୁକ, ଗୁଳି, ମାରଣାସ୍ତ୍ର, ଖଣ୍ଡା କାତି, ବୋମା, ବାଇକ୍, କାର ଜବତ କରିଛି । ଖୋର୍ଦ୍ଧା ଟାଉନ ପୋଲିସ ୨୦୨୧ ଫେବୃୟାରୀ ୧୨ରେ ଗୁରୁଜଙ୍ଗ ଶ୍ୱଶୁର ଘରେ ଜ୍ୱାଇଁଙ୍କ ଗୁଳିକାଣ୍ଡ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ୨ଟି ବନ୍ଧୁକ, ୩ଟି ଗୁଳି, ୭ଟି ମୋବାଇଲ ଏବଂ କାର ଜବତ ହୋଇଥିଲା । ସେହିପରି ୧୧ତାରିଖ ବିଳମ୍ବିତ ରାତିରେ ଚଣ୍ଡିଚୁଆ ଛକରେ ଡକାୟତି ଯୋଜନା ବେଳେ ପୋଲିସ ୨ଜଣଙ୍କୁ ଗିରଫ କରିଥିଲା । ଅଭିଯୁକ୍ତଙ୍କ ଠାରୁ ଏକ ବନ୍ଧୁକ ଜବତ ହୋଇଥିଲା । ଡିସେମ୍ବର ୮ରେ ଗୁରୁଜଙ୍ଗ ଗୁଳିକାଣ୍ଡ ଘଟଣାରେ ଟାଉନ ପୋଲିସ ଫେବୃୟାରୀ ୨୭ରେ ମୁଖ୍ୟ ଅଭିଯୁକ୍ତ ଦିପୁ ଓରଫ ଦୀପକ କୁମାର ପ୍ରଧାନ (୨୬)ଙ୍କୁ ଗିରଫ କରିଥିଲା । ପୋଲିସ ଅଭିଯୁକ୍ତ ଠାରୁ ଗୋଟିଏ ପିସ୍ତଲ ଓ ୨ଟି ଗୁଳି ଜବତ କରିଥିଲା । ସେହିପରି ଜାତୀୟ ରାଜପଥରେ ଡକାୟତି ଉଦ୍ୟମ ବେଳେ ୨ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୨ଟି ବନ୍ଧୁକ ଓ ୩ଟି ଗୁଳି ଜବତ ହୋଇଛି । ଏ ସମ୍ପର୍କରେ ଏସପି ସିଦ୍ଧାର୍ଥ କଟାରିଆ କହିଛନ୍ତି, ସହରକୁ ବନ୍ଧୁକ କିପରି ଆସୁଛି, ତାହାର ତଦନ୍ତ ଚାଲିଛି । ଏଥିସହ ପୂର୍ବ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି । ଖୋର୍ଦ୍ଧାକୁ ଅପରାଧମୁକ୍ତ ଲାଗି ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଢିଲା : ଡାକ୍ତରଙ୍କ ଭୁଲ ଚିକିତ୍ସାରେ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ସୁବର୍ଣ୍ଣପୁର, ୧୮/୦୬ (ନି.ପ୍ର): ରାଜ୍ୟ ସରକାର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର ମାତୃ ଓ ଶିଶୁ ମୃତ୍ୟୁ ହାର ରୋକିବା ଦିଗରେ ଗାଁ ଗାଁ ଅଙ୍ଗନୱାଡି, ଆଶାଙ୍କ ଜରିଆରେ ଅନେକ ପଦକ୍ଷେପ ନେଲା । ଏଠି ତଳ ସ୍ତରର ବାସ୍ତବ ଚିତ୍ର କିନ୍ତୁ ପୁରା ଓଲଟା ଦେଖା ଦେଇଛି ସୁବର୍ଣ୍ଣପୁର ଜିଲ୍ଲାରେ । ପୁଣି ଖୋଦ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲାରେ । ନୂଆ ଏମସିଏଚ ସ୍ୱାସ୍ଥ୍ୟ ବିଭାଗରେ ଏଠି ସେଇ ସ୍ୱାବଲମ୍ବୀ ମହିଳା ମାନଙ୍କୁ ଡାକ୍ତରଖାନାରୁ ନର୍ସିଙ୍ଗ ହୋମକୁ ନେବାକୁ ପ୍ରବାର୍ତାଇ ସେଠି ଭୁଲ ଚିକିତ୍ସା ଦ୍ୱାରା ମାରି ଦିଆ ଯାଉଥିବା ଅଭିଯୋଗ ସାମନାକୁ ଆସିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଏଠାରେ ମା ଓ ଶିଶୁଙ୍କ ଉତମ ଚିକିତ୍ସା ପାଇଁ ଭବ୍ୟ ଶିଶୁ ମାତୃ ଚିକିତ୍ସା କେନ୍ଦ୍ର ନିର୍ମାଣ ହୋଇଛି । ସୋନପୁର ଓ ବୌଦ୍ଧ ଉଭୟ ଜିଲ୍ଲାର ଗରିବ ଶ୍ରେଣୀର ହଜାର ରୋଗୀ ଏଇ ଡାକ୍ତର ମାନଙ୍କ ଉପରେ ପୁରା ଭରସା କରି ଆସୁଥିବା ବେଳେ ପ୍ରାୟତଃ ରୋଗୀ ମାନେ ଭରସା ଜାଗାରେ ନିରାଶା ହେଉଥିବା ଜଣାପଡିଛି । ଏବେ ସୋନପୁର ମେଡିକାଲରେ ଡା. ମନୋଜ ନାଏକ ଯୋଗଦାନ କରୁ କରୁ ଘରେ ନ ପଶୁଣୁ ଚାଳ ବାଜିଲା ପରି ଏକ ସମ୍ବେଦନଶୀଳ ଘଟଣା ଘଟିଛି । ଗତ ୭ ତାରିଖ ଭୋରରେ ବିନିକା ସିନ୍ଦୁରପୁର ଗାଁ ର ପ୍ରସୂତି ରୋଗୀ ରଂଜିତା ବାଘଙ୍କୁ ଜରୁରୀ ଚିକିତ୍ସା ଆଳରେ ନୂଆ ଏମସିଏଚରୁ ସ୍ଥାନୀୟ ଆଶା ନର୍ସିଙ୍ଗ ହୋମ କୁ ପ୍ରବାର୍ତାଇ ପଠାଇଥିବା ଓ ସେଠି ଭୁଲ ଚିକିତ୍ସା କରି ପ୍ରଚୁର ରକ୍ତସ୍ରାବ ହେବା ଓ ୫ ଗୋଟି ରକ୍ତ ଦେବା ପରେ ମୁମୂର୍ଷୁ ଅବସ୍ଥାରେ ବୁର୍ଲା ରେଫର କରାଇଥିଲେ ଯଦ୍ୱାରା କି ବାଟରେ ମୋ ସ୍ତ୍ରୀ ର ପ୍ରାଣ ଚାଲିଗଲା ବୋଲି ରୋଗୀଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି । ଆଜି ଏ ନେଇ ଏକ ଉଚ୍ଚ ସ୍ତରୀୟ ମିଡ଼ିଆ ଗ୍ରୁପ ମୃତା ରଂଜିତାଙ୍କ ସିନ୍ଦୁରପୁର ଗାଁ ରେ ପହଂଚି ସମବେଦନା ଜଣାଇ ଡାକ୍ତର ମନୋଜ ନାଏକ ଓ ନର୍ସିଙ୍ଗ ହୋମ ବିରୁଦ୍ଧରେ ଚାଂଚଲ୍ୟକର ତଥ୍ୟ ସଂଗ୍ରହ କରିଥିଲା । ପରେ ସୁବର୍ଣ୍ଣପୁର ଏମ ସିଏଚ ମେଡିକାଲରେ ପହଂଚି ବିଭିନ୍ନ ଡାକ୍ତର, ପଦାଧିକାରୀ ଓ ମୁଖ୍ୟ ଚିକିତ୍ସାଳୟରେ ସିଡିଏମ ପିଏଚଓ ବିଶ୍ୱ ରଞ୍ଜନ ପତି, ଏଡିଏମଓ ଦୈତ୍ୟ ନାରାୟଣ ପାଢ଼ୀ, ଦୁର୍ଗାଦତ ଦାଶଙ୍କୁ ଭେଟି ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଓ ରାଜ୍ୟ ପ୍ରଶାସନର ଦୃଷ୍ଟି ଗୋଚର ଲାଗି ଅନେକ ତଥ୍ୟ ଜଣାଇଛନ୍ତି । ଡା. ଶ୍ରୀ ନାଏକ ବିଭିନ୍ନ ଘଟଣାରେ ଓ ଘରୋଇ ଚିକିତ୍ସା ପ୍ରୀତି ଅଭିଯୋଗରେ ପୂର୍ବରୁ ମନମୁଣ୍ଡା ମେଡିକାଲରେ ଖୁବ ହଟହଟା ହେବା ଘଟଣା ବି ଏବେ ସାମ୍ନାକୁ ଆସିଛି । ପୁଣି ସେଠୁ ଶହ ଶହ ନର୍ମାଲ ଡେଲିଭରି କେଶ ସବୁକୁ ସୋନପୁରର ଏକ ନିର୍ଦ୍ଦିଷ୍ଟ ପୁରୁଣା ନର୍ସିଙ୍ଗ ହୋମକୁ ପଠାଇ ବିଏସକେୱାଇ ଯୋଜନାର ପ୍ରଚୁର ଟଙ୍କା ହରଣଚାଳ କରୁଥିବା ଅନେକ ନଜିର ଅଛି । ଏଠି କଥା ଉଠେ ଯେ, ସରକାରଙ୍କ ରାଜସ୍ୱ ହାନିକୁ ରୋଗୀଙ୍କ ଜୀବନ ହାନି ଘଟଣା ବର୍ତମାନ ସବୁଠି ଚର୍ଚ୍ଚା । ଡା. ମନୋଜ ସାମ୍ବାଦିକଙ୍କ ପ୍ରଶ୍ନରେ ଅନେକ ସଫେଇ ଦେଇଥିବା ବେଳେ ଯଦି ଏହି ଡାକ୍ତରଙ୍କ ଭୁଲ ନାହିଁ ତ ମୃତା ରଂଜିତାଙ୍କ ଗାଁ କୁ ଘରକୁ ଯାଇ ଦଶ ହଜାର ଟଙ୍କା ଖର୍ଚ୍ଚ ଦେବୁ, ଓ କଣ ପାଇଁ ମିଡ଼ିଆକୁ ମେଡିକାଲ ଷ୍ଟାଫଙ୍କୁ ସତ ଘଟଣା କହିବ ନି, ଏହା ପ୍ରଘଟ ହେଲେ ତମେ କିଛି ଆଉ ସହଯୋଗ ପାଇବନି ବୋଲି କହିଛନ୍ତି । ଡାକ୍ତର ଓ ସାଥି ଘରୋଇ ମେଡିକାଲ୍ ୱାଲାଙ୍କ ଏହି ଭଏସ ରେକର୍ଡ ଏବେ ସବୁଠି ଭାଇରାଲ । ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ଓ ଅଧିକାରୀ ଏ ଘଟଣାକୁ ଗୁରୁତର ସହିତ ବିଚାର କରି ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ଓ ଏ ପରିବାରକୁ ଅନାଥ ବା ମା ଛେଉଣ୍ଡ ଶିଶୁକୁ ପର୍ଯ୍ୟାପ୍ତ ସରକାରୀ ସହାୟତା କଲେ ମୃତା ରଂଜିତାଙ୍କ ଆତ୍ମା ଶାନ୍ତି ପାଇବ ବୋଲି ଗ୍ରାମବାସୀ ମତ ଦେଇଛନ୍ତି ।

ପୃଥକ୍ ଚୋରି ମାମଲାରେ ତିନି ଗିରଫ

ବଲାଙ୍ଗିର, ୧୮/୦୬ (ନି.ପ୍ର): ଗତ ଏପ୍ରିଲ ୧୮ ତାରିଖ ୨୦୨୩ରେ ରାହୁଲ କୁମାର ବେଠାଙ୍କ ଅଭିଯୋଗ କ୍ରମେ ଗୁଂଟିତରାରେ ଥିବା ଗୋଦାବରୀ ମିନିରାଲ ୱାଟର ଟ୍ରିଟମେଂଟ ପ୍ଲାଂଟରୁ ୧୭ ତାରିଖ ରାତି ଅଧରେ ଅଫିସର ତାଲା ଭାଙ୍ଗି ଭିତରେ ଥିବା କମ୍ପ୍ୟୁଟର, ସିପିୟୁ, ପ୍ରିଣ୍ଟର, ୟୁପିଏସ, ମାଉସ ଚୋରି ହୋଇଥିବା ଲିଖିତ ଅଭିଯୋଗ କରିଥିଲେ । ବଲାଙ୍ଗିର ଏସପିଙ୍କ ନିର୍ଦ୍ଦେଶ କ୍ରମେ ଥାନାଧିକାରୀ ରଞ୍ଜନ କୁମାର ବରିହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଜୁରପଡ଼ାର ବବଲୁ ବାରିକ ଓ ଟିଟିଲାଗଡ ହାଇସ୍କୁଲପଡ଼ାର ଲୋକନାଥ କୁମାରଙ୍କୁ ଗିରଫ କରି ତାଙ୍କଠାରୁ ସବୁ ଚୋରି ଜିନିଷ ଉଦ୍ଧାର କରି କୋର୍ଟ ଚାଲାଣ କରାଯାଇଛି । ଅନ୍ୟପଟେ ବଙ୍ଗୋମୁଣ୍ଡା ଗୋହିରା ପଦରର କିଶୋର ମେହେର ବୁଲି ବୁଲି କପଡା ବିକ୍ରି କରିଥାନ୍ତି । ଜୁନ ୨ ତାରିଖ ବିକ୍ରି କରି ଫେରୁଥିବା ସମୟରେ ଟିଙ୍ଗେରମୁଣ୍ଡା ଛକଠାରେ ଦୁଇ ଜଣ ଯୁବକ ତାଙ୍କୁ ଅଟକାଇ ଆମେ ତୁମଠାରୁ କପଡା କିଣିବୁ କହି ଗୁଂଟିତରା ଆଡକୁ ଡ଼ାକି ନେଇ ବାଟ ମଝିରେ କିଶୋର ମେହେରଙ୍କ ଠାରୁ ୮୪୦୦ ଟଙ୍କା ଲୁଟି ନେଇଥିବା ଟିଟଲାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗର ତଦନ୍ତ କରି ଖଜୁରପଡ଼ାର ମୁକୁନ୍ଦ ବାଗ ଏବଂ ବବଲୁ ବାରିକକୁ ଗିରଫ କରି ତାଙ୍କ ଠାରୁ ଗୋଟିଏ ଡିସ୍କଭର ବାଇକ୍ ଓ ୪୦୦୦ ଟଙ୍କା ଉଦ୍ଧାର କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି । ଏହି ଚଢଉରେ ଏସଆଇ ଦେବାଶିଷ ଶତପଥୀ, ଏଏସଆଇ ଦେବରାଜ ମାଝି, ହାବିଲଦାର ସୁନୀଲ ପାଣିଗ୍ରାହୀ, କନଷ୍ଟେବଲ କାହ୍ନା ଷାଣ୍ଡ, ଅସୀମ ପ୍ରଧାନ, ସୁମନ ସାହୁ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ ।

ଜୟପୁର ସ୍ଥିତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ ଦୁର୍ନୀତି

ଜୟପୁର, ୧୮/୦୬ (ନି.ପ୍ର): ଜୟପୁର ସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗରେ ଦୁର୍ନିତି ହୋଇଥିବା ସୂଚନା ପାଇ ଭିଜିଲାନ୍ସ ଏସପି ଏହାକୁ ଗୁରୁତର ସହ ନେଇଥିଲେ । ଭିଜିଲାନ୍ସ ଇନସପେକ୍ଟର ବଙ୍କିମ ବୋବାଲିଙ୍କୁ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ ନିର୍ଦ୍ଦେଶ ପାଇବା ପରେ ବୈଷୟିକ ଟିମ ଧରି ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତରେ ଦୁର୍ନିତି ହୋଇଥିବା ଜାଣିବା ପରେ କନିଷ୍ଠ ଯନ୍ତ୍ରୀ ଭରତ ଭୁଷଣ ସ୍ୱାଇଁ ଓ ଠିକାଦାର ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ନାମରେ ୧୯/୨୩ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନା ପାଇବା ପରେ କନିଷ୍ଠ ଯନ୍ତ୍ରୀ ହାଇକୋର୍ଟ ବେଲ ଆଣିବାକୁ ଯାଇଥିବା ଜଣାଯାଇଛି । ଖବର ପ୍ରଚାରିତ ହେବା ପରେ ବିଭାଗିୟ ଅଧିକାରି ମାନେ ଏହି ଦୁର୍ନିତିକୁ ରଫା ଦଫା କରିବା ପାଇଁ ଉଦ୍ୟମ ଆରମ୍ଭ କରି ବିଫଳ ହୋଇଥିଲେ । ୧୫୦ ଏମଏମ ପାଇପ ନ ଲଗାଇ ଠିକାଦାର ଫେରାଇ ଦେଇଥିବା କହି ରାତାରାତି ପାଇପ ଆଣି ଅଫିସରେ ରଖି ଷ୍ଟୋର ବୁକରେ ଏଂଟ୍ରି ମଧ୍ୟ କରିଥିଲେ । କିନ୍ତୁ, ଭିଜିଲାନ୍ସର ତଦନ୍ତ ଆଗରେ ବିଭାଗୟି ଅଧିକାରି ମାନେ ପଦାରେ ପଡିଥିଲେ । କେବଳ ଏହି ଘଟଣା ନୁହଁ ବିଭାଗ ଅଧିନରେ ବହୁ ଦୁର୍ନିତି ହୋଇଥିବା ଅଭିଯୋଗ ହୋଇଛି । ସବୁ ତଦନ୍ତ କରିବା ପାଇଁ ଦାବି ହୋଇଛି । ମାମଲା ରୁଜୁ ନୁହଁ କନିଷ୍ଠଯନ୍ତ୍ରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ତଦନ୍ତ କରିବାକୁ ଦାବି ହୋଇଛି । ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ପଂଚାୟତର କଙ୍କଡାହାଣ୍ଡି ଗ୍ରାମରେ ଦେଖିବାକୁ ମିଳିଥିଲା ଏହି ଦୁର୍ନିତି । ୧୫୦ ଏମଏମ ବଦଳରେ ୮୦ ଏମଏମ ପାଇପ ବିଛାଯାଇ ଅର୍ଥ ଲୁଟ୍ କରାଯାଇଥିଲା । ସୂଚନା ଯୋଗ୍ୟ ଯେ, ଜୟପୁର ସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ଅଧିନରେ କଙ୍କଡାହାଣ୍ଡି ଗ୍ରାମରେ ଥିବା ଘର ଘରେ ସ୍ୱଚ୍ଛ ପାନୀୟ ଯୋଗାଣ ପାଇଁ ସରକାର ପଦକ୍ଷେପ ନେଇ ୫୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାରେ ଗ୍ରାମରେ ରହିଥିବା ପାଣି ଟାଙ୍କି ଠାରୁ ଘରେ ଘରେ ପାଇପ ବିଛାଇ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଆରମ୍ଭ ପାଇଁ ଗତ ୨୦୨୦-୨୧ ରେ ଟେଣ୍ଡର କରାଗଲା । ୧୫୦ ଏମଏମ ଜିଆଇ ପାଇପ ୪୫୦ ମିଟର ପାଇପ ବିଛାଇବା ପାଇଁ ଟେଣ୍ଡର ବାହାର କରିଥିଲା । କିନ୍ତୁ, ୧୫୦ ଏମଏମ ବଦଳରେ ୮୦ ଏମଏମ ପାଇପ ବିଛାଯାଇଛି । ଆଗରୁ ୨ଟି ବିଲ ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷର ମାର୍ଚ ମାସରେ ୨୪ ଲକ୍ଷ ୯୯ ହଜାର ଟଙ୍କା ବିଲ କରାଯାଇଛି । ଏପରି ଲକ୍ଷ ଲକ୍ଷ ଟଙ୍କା ହଡପ ଯୋଗୁଁ ଗ୍ରାମବାସୀ ମାନେ ସ୍ୱଚ୍ଛ ପାନିୟ ଜଳ ପାଇବାରୁ ବଂଚିତ ହୋଇଛନ୍ତି । ବିଭାଗୟୀ ଅଧିକାରି ମାନେ ଠିକାଦାର ସହ ମିଶି ଏପରି ଟଙ୍କା ହଡପ କରିଥିବା ଜଣାଯାଇଛି । ୮୦ ଏମଏମ ବଦଳରେ ୧୫୦ ଏମଏମର ବିଲ କରାଯାଇ ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ଗୋଟିଏ ଘଟଣା ନୁହଁ ବିଭାଗରେ ପ୍ରତ୍ୟେକ କାର୍ଯ୍ୟ ଏପରି ଚାଲିଥିବା ବେଳେ ନିମ୍ନ ମାନର ଜିନିଷ ଲଗାଇବା, ଟେଣ୍ଡର ନିୟମ ନ ମାନିବା ଆଦି କାର୍ଯ୍ୟ କରି ସରକାରଙ୍କ କୋଟି କୋଟି ଟଙ୍କା ଲୁଟ୍ କରିବାରେ ଲାଗିଛନ୍ତି । ଏହି ବିଭାଗର ଅନ୍ୟ ଅଧିକାରିଙ୍କ ଉପରେ ନଜର ରଖି ତଦନ୍ତ କରିବାକୁ ଦାବି ହୋଇଛି ।

ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

ଜୟପୁର, ୧୮/୦୬ (ନି.ପ୍ର): କୋରାପୁଟ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ଶଙ୍କର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ହାଲୋ ଜୟପୁର ଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ପହଂଚିଥିଲା । ସେଠାରୁ ଜୟନଗର ଲେକପ୍ଲାସିଡ ରେ ପହଂଚି ସେଠାରେ ସଭା ଅନୁଷ୍ଠିତ ହୋଇଥିଲା । ଏଠାରେ ମୁଖ୍ୟ ଅତିଥି କୋରାପୁଟ ସାସଂଦ ସପ୍ତଗିରି ଶଙ୍କର ଉଲ୍ଲୁକା, ବିରେନ ମୋହନ ପଟ୍ଟନାୟକ, ପୁବତ ବିଧାୟକ ରାମ ଚନ୍ଦ୍ର କାଡାମ, ନିମାଇ ସରକାର, କୃଷ୍ଣ କୁଳଦିପ, ରୁପକ ତୁରକ, ମନୋଜ ଆଚାର୍ଯ୍ୟ, ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜୟପୁର ରେ କାର୍ଯ୍ୟକ୍ରମ ହେଉଥିବା ବେଳେ ଏଠାରେ ବିଧାୟକ ତାରା ପ୍ରସାଦ ବାହିନିପତି, ପୁବତନ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତି, ଜିଲା ପରିଷଦ, କାଉନସିଲର, ବ୍ଲକ ସଭାପତି , ପୌର ଅଧକ୍ଷ କେହି ଉପସ୍ଥିତ ନଥିଲେ । ଏନେଇ ସାଂସଦ ଉଲ୍ଲୁକା ଓ ଜିଲା ସଭାପତି ସାହୁ କହିଛନ୍ତି କଂଗ୍ରେସରେ କନ୍ଦଳ ନାହିଁ ବିଧାୟକ ବାହାରେ ଥିବାରୁ ଏଠାରେ ଅନୁପସ୍ଥିତ ଅଛନ୍ତି ।

ରଥଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ପୁରୀ, ୧୮/୦୬ (ନି.ପ୍ର): ବିଶ୍ୱ ବିଖ୍ୟାତ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ଭିତର ବାହାର ସହ ସହର ଭିତର ଓ ବାହାର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ଲୁ ପ୍ରିଂଟ କରାଯାଇ ପୋଲିସ ନିୟୋଜିତ କରାଯାଇଛି । ସମଦ୍ର ପଥ ଓ ଆକାଶ ପଥ ପାଇଁ ସ୍ୱତନ୍ତ୍ର ହାଇଟେକନିକ୍ ଯନ୍ତ୍ର ବ୍ୟବସ୍ଥା କରାଯାଇଛି । ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ସାହି କମିଟି ସହ ସ୍ୱତନ୍ତ୍ର ପ୍ରଶିକ୍ଷିତ ଗୋଇନ୍ଦା ପୋଲିସ ସାଧା ପୋଷାକ ଧାରଣ କରି ବିଭିନ୍ନ ସ୍ଥାନରେ ପଇଁତରା ମାରିବେ । ସନ୍ଧାନି କୁକୁର ଜରିଆରେ ବିଭିନ୍ନ ସନ୍ଦେହ ଜନକ ବସ୍ତୁକୁ ଚିହ୍ନ କରିବ । ବମ ସ୍କ୍ୱାର୍ଡ଼ ଟିମ୍ ଜାଗ୍ରତ ରହିବେ । ବିଭିନ୍ନ କୋଠା ଉପରେ ପୋଲିସ ଦୂରବିକ୍ଷଣ ଯନ୍ତ୍ର ଦ୍ୱାରା ଲୋକମାନଙ୍କୁ ନଜର କରିବେ । ବିଭିନ୍ନ ସ୍ଥାନରେ ସିସିଟିଭ ଲଗାଯାଇ କଂଟ୍ରୋଲ ରୁମ ଜରିଆରେ ଜନଗହଳିପୂର୍ଣ୍ଣ

ରକ୍ତଚାପକୁ ନିୟନ୍ତ୍ରଣରେ ରଖେ ଓ ହୃଦ୍‌ରୋଗୀଙ୍କ ପାଇଁ ମହୋଷଧି ଏହି ଫଳ

ଆପଣଙ୍କୁ ନଡ଼ିଆ ଖାଇବାକୁ କେମିତି ଲାଗେ ? ଏହି ଫଳ ଖାଇବାର ଅଭ୍ୟାସ ଅଛି ତ ? ଗୋଟାଏ ଫଳ, ହେଲେ ଏହାକୁ ବିଭିନ୍ନ ପ୍ରକାରର ବ୍ୟବହାର କରିପାରିବେ ଆପଣ । ନଡ଼ିଆ କେବଳ ପାଟିକୁ ସୁଆଦ ଲାଗୁଥିବା ପରି ଏକ ଫଳ ନୁହେଁ ବରଂ ଏଥିରେ ଅନେକ ଭଲ ଗୁଣ ରହିଛି, ଯାହାକି ଶରୀର ପାଇଁ ଖୁବ୍ ଉପକାରୀ । ନଡ଼ିଆରେ ପ୍ରଚୁର ପରିମାଣର

ପ୍ରୋଟିନ୍ ରହିଛି । ଭିଟାମିନ୍ ବି ମଧ୍ୟ କିଛି ପରିମାଣରେ ରହିଛି ଏଥିରେ । କେତେକ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ ଥିବା ଏହି ଫଳକୁ ଖାଇବା ଦ୍ୱାରା ଶରୀର ଫୂର୍ତ୍ତି ହୋଇଥାଏ ।

ଏଥିରେ ପ୍ରବଳ ମାତ୍ରାରେ ଗ୍ୟାଗ୍‌ନେସିୟମ୍ ରହିଛି, ଯାହାକି ହାଡ଼କୁ ଶକ୍ତ କରିବାରେ ସହାୟ ହେବ । ଏଥିରେ କପର ଓ ଆଇରନ୍ ମଧ୍ୟ ରହିଛି । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ ଆମ ସେଲ୍‌କୁ ସୁରକ୍ଷା ଦେଇଥାଏ । ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ହୃଦ୍‌ରୋଗୀମାନଙ୍କ ପାଇଁ ନଡ଼ିଆ ଖାଇବା ବହୁତ ଭଲ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ହୃଦ୍‌ଘାତର ସମ୍ଭାବନା କମ୍ ରହିଥାଏ ।

ଏହା ପେଟରେ ଥିବା ଅତିରିକ୍ତ ଚର୍ବିକୁ କମ୍ କରିଥାଏ । ଶରୀରରେ ଜମିଥିବା ଅତିରିକ୍ତ ଚର୍ବି ମଧୁମେହ ଓ ହୃଦ୍‌ରୋଗର କାରଣ ହୋଇଥିବାରୁ ନଡ଼ିଆ ଖାଇବା ଦ୍ୱାରା ଏହି ଦୁଇ ରୋଗକୁ ଦୂରେଇ ଦେଇ ହେବ । ନଡ଼ିଆ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହଜମ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରିଥାଏ । ଦୌନିକ ଏହାକୁ ଖାଇଲେ ଅନେକ ରୋଗକୁ ଦୂରେଇ ଦେଇ ହେବ ।

ଖାଦ୍ୟ ପ୍ରତି ସତର୍କତା

♦ ଖାଦ୍ୟ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ ଅଧିକ ଲୁଣି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ତେବେ କେବଳ ଲୁଣ ନୁହେଁ, ଅନ୍ୟ ଖାଦ୍ୟ ମଧ୍ୟ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।

♦ ଚିନି ଖାଇବା ଉପରେ ନିୟନ୍ତ୍ରଣ କରନ୍ତୁ । ଅଧିକ ପରିମାଣର ଚିନି ଖାଇଲେ ଚିଡ଼ଚିଡ଼ା ଲାଗିବା, ବିରକ୍ତି ଲାଗିବା, ମୋଟାପଣ, ଶ୍ୱାସ ବଢ଼ିବାର ଆଶଙ୍କା ରହିଛି ।

♦ ଲୁଣରେ ସୋଡ଼ିୟମ ମାତ୍ରା ଅଧିକ ଥିବାରୁ ତାହା ରକ୍ତଚାପ, ହୃଦଘାତ ଓ କର୍କଟର ଆଶଙ୍କା ବଢ଼ାଇଥାଏ । ବଚାରରେ ମିଳୁଥିବା ଲୁଣିଆ ଟିସ୍ସଠାରୁ ଯଥା ସମ୍ଭବ ଦୂରେଇ ରହନ୍ତୁ ।

♦ ମଇଦାରେ ଫାଇବର ଆଦୌ ନାହିଁ । ମଇଦାଜାତୀୟ ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇନଥାଏ ଏଥିରେ ଥିବା ବ୍ଲିଚିଙ୍ଗ ତତ୍ତ୍ୱ କାରଣରୁ ହୃଦଘାତର ଆଶଙ୍କା ବଢ଼େ ।

♦ ମୃଦୁ ପାନୀୟରେ ଥିବା କାର୍ବୋହାଇଡ୍ରେଟ୍ ଓ ଅନ୍ୟାନ୍ୟ ତତ୍ତ୍ୱ ସ୍ମୃତି ଶକ୍ତି ହ୍ରାସ କରେ ।

ରକ୍ତହୀନତା ଦୂର ସାଙ୍ଗକୁ କୋଷ୍ଠକାଠିନ୍ୟ ଦୂର କରିଥାଏ ପୋଟଳ

ପୋଟଳ ଏକ ଭଲ ପରିବା, ଯାହାକି ସ୍ୱାସ୍ଥ୍ୟ ଲାଗି ଅତ୍ୟନ୍ତ ଲାଭପ୍ରଦ । ତେବେ ପୋଟଳରେ ଭିଟାମିନ୍ ଏ, ବି ୱାନ୍, ବି ଟୁ ଏବଂ ଭିଟାମିନ୍ ସି ଆଦି ବହୁଳ ମାତ୍ରାରେ ରହିଥିବା କାରଣରୁ ଏହା ଆମ ଶରୀରରେ ରୋଗ ପ୍ରତିରୋଧକ କ୍ଷମତାକୁ ବଢାଇ ରୋଗ ଦାଉରୁ ଲଢିବାରେ ସାହାଯ୍ୟ କରିଥାଏ । ଏତଦ୍ୱ୍ୟତୀତ ପୋଟଳ ଆମର କି କି ଉପକାର କରିଥାଏ ଆସନ୍ତୁ ଜାଣିବା ...

୧-ପୋଟଳ ଖାଇଲେ ଆମ ଶରୀରର ହାଡ଼ ସୁସ୍ଥ ରହିବା ସହିତ କଫଜନିତ ସମସ୍ୟାକୁ ମଧ୍ୟ ଦୂର ହୋଇଥାଏ ।

୨-ରକ୍ତ ସଫା କରିବାରେ ବି ବେଶ୍ ସହାୟକ ହୋଇଥାଏ ପୋଟଳ ।

୩-ତେବେ ପୋଟଳରେ ଫାଇବରର ମାତ୍ରା ଅତ୍ୟଧିକ ରହିଥିବା ଯୋଗୁଁ , ଏହା ଆମ ହଜମ କ୍ରିୟାରେ ସହାୟକ ହେବା ସାଂଗକୁ ଗ୍ୟାସ୍ ଜନିତ ସମସ୍ୟାକୁ ମଧ୍ୟ ଦୂର କରିଥାଏ ।

ଆଇଫିଲ୍ ଟାୱାର୍

୩୨୪ ମିଟର ଉଚ୍ଚତା ବିଶିଷ୍ଟ ପ୍ୟାରିସରେ ଅବସ୍ଥିତ ଆଇଫିଲ୍ ଟାୱାର । ଯାହା ସାରା ବିଶ୍ୱ ପ୍ରସିଦ୍ଧ । ଏହି ଆଇଫିଲ୍ ଟାୱାରକୁ ଭ୍ରମଣ କରିବା ପାଇଁ ବହୁ ଦୂରଦୂରରୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ । ପ୍ରାୟ ସମସ୍ତଙ୍କ ଭ୍ରମଣ ତାଲିକାରେ ଏହି ପ୍ୟାରିସର ଟାୱାର ଜଡ଼ିତ ଥାଏ । ତେବେ ଭ୍ରମଣ ପୂର୍ବରୁ ଆସନ୍ତୁ ଏହି ଟାୱାର ସମ୍ପର୍କରେ କେତେକ ତଥ୍ୟ ଜାଣିବା ।

♦ ଏହି ଟାୱାର ଅଗ୍ରଭାଗରେ ଗୋଟିଏ ଆପର୍ଟମେଣ୍ଟ ରହିଛି ।

♦ ଏହା ତଳ ଠାରୁ ଆରମ୍ଭକରି ଅଗ୍ରଭାଗ ପର୍ଯ୍ୟନ୍ତ ଏକ ସ୍ପାଇରାଲ ଶିଢ଼ି ରହିଛି । ଯାହାକୁ କେହି ବ୍ୟବହାର କରିନଥାନ୍ତି ।

♦ ଇଞ୍ଜିନିୟର ଗଷ୍ଟାଭି ଆଇଫିଲ୍ ନାମକୁ ନେଇ ଏହି ଟାୱାରଟିକୁ ନାମିତ କରାଯାଇଛି ।

♦ ଆଇଫିଲ ଟାୱାର ତଳେ ଆପଣ ଏକ ଇଂଲିସ୍ ବଗିଚା ଦେଖିବାକୁ ପାଇବେ ।

♦ ଆଇଫିଲ୍ ପୋଷ୍ଟ ଅଫିସ୍ ।

ସ୍ମୃତିଶକ୍ତି ଓ ନିଦର ନିବିଡ଼ତା

ଆନ୍ତଜାତୀୟ ନ୍ୟୁରୋସାଇକୋଲାଜିକାଲ ସୋସାଇଟିର ଗବେଷକ ଦଳଙ୍କ ଅନୁସନ୍ଧାନ ଅନୁସାରେ ପ୍ରତ୍ୟେକ ବର୍ଗ ଓ ବୟସର ଲୋକ ଦୈନିକ ୭-୮ ଘଣ୍ଟା ଶୋଇବା ନିତାନ୍ତ ଜରୁରୀ । ଭଲଭାବେ ନିଦ ନ ହେଲେ ତହିଁ ଆରଦିନ ଆମ କାର୍ଯ୍ୟଶୈଳୀ ଉପରେ ଏହାର କୁପ୍ରଭଭାବ ପଡ଼ିଥାଏ । ଏହା ସହ ଆମ ସ୍ମୃତିଶକ୍ତି ମଧ୍ୟ ଦୁର୍ବଳ ହୋଇଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ଅନିଦ୍ରା ରହିଲେ ବିଭିନ୍ନ ଶାରୀରିକ ସମସ୍ୟା ଉପୁଜେ । ଏହା କାରଣରୁ ଅବସାଦ ଭାବ ସହ ଚିଡ଼ଚିଡ଼ା ମଧ୍ୟ ଲାଗେ । ଭଲ ଭାବେ ଶେଶଇଲେ ମାନସିକ ସ୍ଥିତି ଠିକ୍ ରହିବା ସହ ଶଯ୍ୟା ତ୍ୟାଗ ପରେ ଜଣେ ବ୍ୟକ୍ତି ସୁସ୍ଥ ଅନୁଭବ କରିଥାଏ । ବୋଲି ଗବେଷଣାରୁ ପ୍ରମାଣିତ ।

ସ୍ୱାସ୍ଥ୍ୟ ପାଇଁ ହାନିକାରକ ତମାଖୁ

ତମାଖୁ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏକ ସ୍ୱଚ୍ଛ ଅକ୍ଷରରେ ତମାଖୁର ପ୍ୟାକେଟ୍ ଉପରେ ଲେଖା ହେବା ପରେ ମଧ୍ୟ କୌଣସି ଲୋକ ଏହାର ପର୍ଦ୍ଦି ଗଭୀରତାର ସହ ନେଉ ନାହାଁନ୍ତି । ଯଦି ଆପଣଙ୍କର ଏହା ନିଶା ହୋଇଥାଏ ତେବେ ଆପଣ ଆପଣଙ୍କ ଜୀବନକୁ ନିଜ ହାତରେ ନଷ୍ଟ କରୁଛନ୍ତି । ଏହା ନା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟ ଖରାପ କରେ ତାର ମସ୍ତିଷ୍କକୁ ମଧ୍ୟ ପ୍ରଭାବିତ କରେ । ତମାଖୁରେ ଲକ୍ଷ୍ୟାଧିକ ଲୋକ କେତେକ ଗମ୍ଭୀର ରୋଗରେ ଆକ୍ରାନ୍ତ ହୋଇ ଯାଉଛନ୍ତି । ଏଥିପାଇଁ ପୂରା ଦୁନିଆରେ ବହୁତ ଅଭିଯାନ ମଧ୍ୟ କରାଯାଉଛି । ଏମିତି ଯେ ତମାଖୁ ଯୋଗୁଁ ପୁରୁଷ ଅପେକ୍ଷା ମହିଳାମାନେ ବେଶୀ ପ୍ରଭାବିତ । ଆମେରିକାର ଏକ ଗବେଷଣାରୁ ଜଣାପଡ଼ିଛି ଯେ ଆମେରିକାର ମହିଳାମାନେ ପାକସ୍ଥଳୀ କର୍କଟ ରୋଗରେ ବେଶୀ ଆକ୍ରାନ୍ତ ହେଉଛନ୍ତି । କିଛି ବର୍ଷ; ପୂର୍ବରୁ ଏହି ରୋଗ ପୁରୁଷମାନଙ୍କ ମଧ୍ୟରେ ଅଧିକ ଦେଖାଯାଉଥିଲା । ଏହି ଗବେଷଣା ଆମେରିକାନ ସୋସାଇଟି ଓ ରାଷ୍ଟ୍ରୀୟ କ୍ୟାନସର ସଂସ୍ଥା ଦ୍ୱାରା କରାଯାଇଛି । ତମାଖୁରେ କ୍ୟାନସର ଜୀବାଣୁକୁ ଜନ୍ମ ଦେବା ତତ୍ତ୍ୱମାନେ ହେଲେ ନିକୋଟିନ, ନାଇଟ୍ରୋସାମାଇନ୍ସ, ଆର୍ସେନିକ୍ ଓ କୋମିୟମ । ନିକୋଟିନ କ୍ୟାଡ଼ିୟମ ଓ କାର୍ବନମୋଲୋ ଆକ୍ସାଇଡ ସ୍ୱାସ୍ଥ୍ୟ ପାଇଁ ବେଶୀ ହାନିକାରକ ।

ମେରୁଦଣ୍ଡ ସୁସ୍ଥ ରହିବ

ମେରୁଦଣ୍ଡ ସଂଲଗ୍ନ ଚଉଡ଼ା ଅସ୍ଥିରେ ଭରାଦେଇ ପଛକୁ ନଇଁବାର ଏକାଧିକ ଉପକାର ମିଳିଥାଏ । ଏହା ତଳପିଠିକୁ ଆରାମ ଦେବା ସହ ନିତମ୍ବ ମାଂସପେଶୀକୁ ଏବଂ ଏହା ସଂଲଗ୍ନ ଅଙ୍ଗଗୁଡ଼ିକୁ ସକ୍ରିୟ କରେ । ଏଭଳି ବ୍ୟାୟାମ ଦ୍ୱାରା ଛାତି, ତଳିପେଟର ଭଲ ଷ୍ଟ୍ରେଚିଂ ହୋଇପାରେ ଏବଂ ବେକ ସହଜ ଭାବେ କାମ କରିପାରେ ।

ପ୍ରକ୍ରିୟା:- ଟାଣ ଫୋମ ବା ସ୍ପଞ୍ଜର ଦୁଇଟି ୮-୪୪ ଇଞ୍ଚ ଇଟା ନିଅନ୍ତୁ ।

ତଳେ ଏକ ଲମ୍ବା ଚଟେଇ କିମ୍ବା ଚାଦର ବିଛାଇ ଚକା ପକାଇ ସଳଖ ଭାବେ ବସିପଡ଼ନ୍ତୁ ।

ଏବେ ପିଠିମାଡି ଶୋଇବା ସହିତ ଗୋଡ଼ ଦୁଇଟି ଆଣ୍ଠୁ ଭାଙ୍ଗି ରଖିବେ । ଗୋଇଠି ନିତମ୍ବ ପାଖରେ ରହୁଥିବା ଜରୁରୀ ।

ପାଦରେ ଚାପ ଦେଇ ନିତମ୍ବକୁ ଧୀରେଧୀରେ ଉଠାନ୍ତୁ ।

ଏହା ସହିତ କାନ୍ଧରେ ତଳେ ଚାପ ଦେଇ ଛାତି ଉପରକୁ ଉଠାଇବେ । ସ୍ପଞ୍ଜ ଇଟା ନେଇ କଟି ଏବଂ ନିତମ୍ବର ଯୋଡେଇ ସ୍ଥାନରେ ଭରାଦେବା ପରି ରଖିବେ । ଇଟାଟି ଯେପରି କେବଳ ତଳ ପିଠିକୁ ଲାଗୁନଥିବ ।

ଗୋଇଠିକୁ ଧୀରେ ଆଗକୁ ଘୁଞ୍ଚାଇ ଲମ୍ବାଇବାକୁ ଚେଷ୍ଟା କରନ୍ତୁ ।

ଆଣ୍ଠୁ କୁ ଷ୍ଟ୍ରେଚ୍ କରିବା ସହ ଗୋଡ ସିଧା ରଖିବେ ।

ହାତ ଦୁଇଟି ମଧ୍ୟ ମୁଣ୍ଡଉପରେ ନେଇ ସଳଖ ଭାବେ ଭୂମିରେ ଲଗାଇ ରଖିବେ । ତଳପେଟକୁ ଲଗାଇ ନିଶ୍ୱାସ ନେବା ସହିତ ଚାରି ମିନିଟ୍ ଏହି ଅବସ୍ଥାରେ ରହନ୍ତୁ ।

ଧୀରେଧୀରେ ଗୋଡ଼କୁ ଭାଙ୍ଗି ସାମାନ୍ୟ ଅବସ୍ଥାକୁ ଫେରି ଆସିବେ ।

ପବିତ୍ର ରଥଯାତ୍ରା ଉପଲକ୍ଷେ ସ୍ୱତନ୍ତ୍ର ଟ୍ରେନ୍



01. ତା.18.06.23ରିଖ, ତା.19.06.23ରିଖ ଏବଂ ତା.21.06.23ରିଖ ଦିନ ସ୍ୱତନ୍ତ୍ର ଟ୍ରେନ୍

ଟ୍ରେନ୍ ନଂ.	ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ	ପ୍ରସ୍ଥାନ ତାରିଖ	ପ୍ରସ୍ଥାନ ସମୟ	ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ
07058	ସିକନ୍ଦରାବାଦ - ମାଳତୀପାଟପୁର	18.06.23	2105	1815
07063	ନାନ୍ଦେଡ଼ - ଖୋର୍ଦ୍ଧା ରୋଡ଼	19.06.23	1420	1630
07069	କାଟଗୁଡ଼ା - ମାଳତୀପାଟପୁର	21.06.23	2030	1830

02. ତା.19.06.23ରିଖ, ତା.20.06.23ରିଖ ଏବଂ ତା.22.06.23ରିଖ ଦିନ ସ୍ୱତନ୍ତ୍ର ଟ୍ରେନ୍

ଟ୍ରେନ୍ ନଂ.	ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ	ପ୍ରସ୍ଥାନ ତାରିଖ	ପ୍ରସ୍ଥାନ ସମୟ	ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ
07059	ମାଳତୀପାଟପୁର - ସିକନ୍ଦରାବାଦ	19.06.23	2300	2000
07064	ଖୋର୍ଦ୍ଧା ରୋଡ଼ - ନାନ୍ଦେଡ଼	20.06.23	1830	2130
07070	ମାଳତୀପାଟପୁର - କାଟଗୁଡ଼ା	22.06.23	2300	2220

03. ତା.20.06.23ରିଖ (ଗୁଣ୍ଡିଚା ଯାତ୍ରା) ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍

ଟ୍ରେନ୍ ନଂ.	ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ	ପ୍ରସ୍ଥାନ ତାରିଖ	ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ	ପୁରୀରେ ପହଞ୍ଚିବା ସମୟ
08901	ବିଶାଖାପାଟଣା - ପୁରୀ	19.06.23	1430	0115
08903	ଲୁନାଗଡ଼ ରୋଡ୍ - ପୁରୀ	19.06.23	1100	0130
08907	ପାରାଦ୍ୱୀପ - ପୁରୀ	19.06.23	2200	0220
08057	ଜଗଦଲପୁର - ପୁରୀ	19.06.23	1000	0400
08019	ଅନୁଗୁଳ - ପୁରୀ	19.06.23	2330	0410
08041	ଭଦ୍ରକ - ପୁରୀ	19.06.23	2300	0445
08905	ସମ୍ବଲପୁର - ପୁରୀ	19.06.23	2000	0510
08033	ଖୋର୍ଦ୍ଧା ରୋଡ଼ - ପୁରୀ	20.06.23	0500	0630
08051	ନୂଆଗାଁ ରୋଡ଼ - ପୁରୀ	20.06.23	0415	0815
08021	ଅନୁଗୁଳ - ପୁରୀ	20.06.23	0400	0830
08043	ଭଦ୍ରକ - ପୁରୀ	20.06.23	0400	0850
08023	ବ୍ରହ୍ମପୁର - ପୁରୀ	20.06.23	0400	0920
08909	ପାରାଦ୍ୱୀପ - ପୁରୀ	20.06.23	0400	0945
08549	ପଲାସା - ପୁରୀ	20.06.23	0400	1000
08045	କେନ୍ଦୁଝରଗଡ଼ - ପୁରୀ	20.06.23	0400	1045
08029	ଗୁଣ୍ଡୁପୁର - ପୁରୀ	20.06.23	0200	1130
08911	ଯାଜପୁର କେଉଁଝର ରୋଡ଼ - ପୁରୀ	20.06.23	0600	1145
08025	ବ୍ରହ୍ମପୁର - ପୁରୀ	20.06.23	0730	1330
08037	ଖୋର୍ଦ୍ଧା ରୋଡ଼ - ପୁରୀ	20.06.23	1300	1415

04. ତା.20.06.23ରିଖ (ଗୁଣ୍ଡିଚା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍

ଟ୍ରେନ୍ ନଂ.	ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ	ପୁରୀ ଷ୍ଟେସନ୍‌ରୁ ଛାଡ଼ିବା ତାରିଖ	ପୁରୀରୁ ଛାଡ଼ିବା ସମୟ	ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ
08908	ପୁରୀ - ପାରାଦ୍ୱୀପ	20.06.23	1430	1945
08020	ପୁରୀ - ଅନୁଗୁଳ	20.06.23	1515	2100
08042	ପୁରୀ - ଭଦ୍ରକ	20.06.23	1530	2145
08024	ପୁରୀ - ବ୍ରହ୍ମପୁର	20.06.23	1545	2030
08030	ପୁରୀ - ଗୁଣ୍ଡୁପୁର	20.06.23	1645	2240
08912	ପୁରୀ - ଯାଜପୁର କେଉଁଝର ରୋଡ଼	20.06.23	1745	2200
08910	ପୁରୀ - ପାରାଦ୍ୱୀପ	20.06.23	1815	2330
08550	ପୁରୀ - ପଲାସା	20.06.23	1830	0100
08046	ପୁରୀ - କେନ୍ଦୁଝରଗଡ଼	20.06.23	1845	0200
08034	ପୁରୀ - ଖୋର୍ଦ୍ଧା ରୋଡ଼	20.06.23	1945	2100
08022	ପୁରୀ - ଅନୁଗୁଳ	20.06.23	2000	0145
08906	ପୁରୀ - ସମ୍ବଲପୁର	20.06.23	2100	0500
08052	ପୁରୀ - ନୂଆଗାଁ ରୋଡ଼	20.06.23	2115	0115
08058	ପୁରୀ - ଜଗଦଲପୁର	20.06.23	2130	1200
08904	ପୁରୀ - ଲୁନାଗଡ଼ ରୋଡ଼	20.06.23	2225	1045
08902	ପୁରୀ - ବିଶାଖାପାଟଣା	20.06.23	2255	0730
08044	ପୁରୀ - ଭଦ୍ରକ	20.06.23	2325	0445
08038	ପୁରୀ - ଖୋର୍ଦ୍ଧା ରୋଡ଼	20.06.23	2345	0100
08026	ପୁରୀ - ବ୍ରହ୍ମପୁର	21.06.23	0030	0445

05. ତା.21.06.23ରିଖ ଠାରୁ ତା.27.06.23ରିଖ ପର୍ଯ୍ୟନ୍ତ ଏବଂ ତା.30.06.23ରିଖ ପୁରୀରୁ ଦୈନିକ ସ୍ୱତନ୍ତ୍ର ଟ୍ରେନ୍

ଟ୍ରେନ୍ ନଂ.	ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ	ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ	ପୁରୀରେ ପହଞ୍ଚିବା ସମୟ
08033	ଖୋର୍ଦ୍ଧା ରୋଡ଼ - ପୁରୀ	0500	0630
08021	ଅନୁଗୁଳ - ପୁରୀ	0400	0830
08043	ଭଦ୍ରକ - ପୁରୀ	0400	0850
08909	ପାରାଦ୍ୱୀପ - ପୁରୀ	0400	0945
08911	ଯାଜପୁର କେଉଁଝର ରୋଡ଼ - ପୁରୀ	0600	1145
08037	ଖୋର୍ଦ୍ଧା ରୋଡ଼ - ପୁରୀ	1300	1415

06. ତା.21.06.23ରିଖ ଠାରୁ ତା.27.06.23ରିଖ ପର୍ଯ୍ୟନ୍ତ ଏବଂ ତା.30.06.23ରିଖ ପୁରୀରୁ ଦୈନିକ ସ୍ୱତନ୍ତ୍ର ଟ୍ରେନ୍

ଟ୍ରେନ୍ ନଂ.	ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ	ପୁରୀ ଷ୍ଟେସନ୍‌ରୁ ଛାଡ଼ିବା ତାରିଖ	ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ
08020	ପୁରୀ - ଅନୁଗୁଳ	1515	2100
08911	ପୁରୀ - ଯାଜପୁର କେଉଁଝର ରୋଡ଼	1745	2200
08910	ପୁରୀ - ପାରାଦ୍ୱୀପ	1815	2330
08044	ପୁରୀ - ଭଦ୍ରକ	2325	0445
08038	ପୁରୀ - ଖୋର୍ଦ୍ଧା ରୋଡ଼	2345	0100
08026	ପୁରୀ - ବ୍ରହ୍ମପୁର	0030	0445

07. ତା.28.06.23ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍

ଟ୍ରେନ୍ ନଂ.	ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ	ପ୍ରସ୍ଥାନ ତାରିଖ	ପ୍ରାରମ୍ଭିକ ଷ୍ଟେସନ୍‌ରୁ ଛାଡ଼ିବା ସମୟ	ପୁରୀରେ ପହଞ୍ଚିବା ସମୟ
08901	ବିଶାଖାପାଟଣା - ପୁରୀ	27.06.23	1430	0115
08907	ପାରାଦ୍ୱୀପ - ପୁରୀ	27.06.23	2200	0220
08019	ଅନୁଗୁଳ - ପୁରୀ	27.06.23	2330	0410
08041	ଭଦ୍ରକ - ପୁରୀ	27.06.23	2300	0445
08905	ସମ୍ବଲପୁର - ପୁରୀ	27.06.23	2000	0510
08033	ଖୋର୍ଦ୍ଧା ରୋଡ଼ - ପୁରୀ	28.06.23	0500	0630
08051	ନୂଆଗାଁ ରୋଡ଼ - ପୁରୀ	28.06.23	0415	0815
08021	ଅନୁଗୁଳ - ପୁରୀ	28.06.23	0400	0830
08043	ଭଦ୍ରକ - ପୁରୀ	28.06.23	0400	0850
08023	ବ୍ରହ୍ମପୁର - ପୁରୀ	28.06.23	0400	0920
08909	ପାରାଦ୍ୱୀପ - ପୁରୀ	28.06.23	0400	0945
08549	ପଲାସା - ପୁରୀ	28.06.23	0400	1000
08045	କେନ୍ଦୁଝରଗଡ଼ - ପୁରୀ	28.06.23	0400	1045
08029	ଗୁଣ୍ଡୁପୁର - ପୁରୀ	28.06.23	0200	1130
08911	ଯାଜପୁର କେଉଁଝର ରୋଡ଼ - ପୁରୀ	28.06.23	0600	1145
08025	ବ୍ରହ୍ମପୁର - ପୁରୀ	28.06.23	0730	1330
08037	ଖୋର୍ଦ୍ଧା ରୋଡ଼ - ପୁରୀ	28.06.23	1300	1415

08. ତା.28.06.23ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍

ଟ୍ରେନ୍ ନଂ.	ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ	ପୁରୀ ଷ୍ଟେସନ୍‌ରୁ ଛାଡ଼ିବା ତାରିଖ	ପୁରୀ ଷ୍ଟେସନ୍‌ରୁ ଛାଡ଼ିବା ତାରିଖ	ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ
08908	ପୁରୀ - ପାରାଦ୍ୱୀପ	28.06.23	1430	1945
08020	ପୁରୀ - ଅନୁଗୁଳ	28.06.23	1515	2100
08042	ପୁରୀ - ଭଦ୍ରକ	28.06.23	1530	2145
08024	ପୁରୀ - ବ୍ରହ୍ମପୁର	28.06.23	1545	2030
08030	ପୁରୀ - ଗୁଣ୍ଡୁପୁର	28.06.23	1645	2240
08912	ପୁରୀ - ଯାଜପୁର କେଉଁଝର ରୋଡ଼	28.06.23	1745	2200
08910	ପୁରୀ - ପାରାଦ୍ୱୀପ	28.06.23	1815	2330
08550	ପୁରୀ - ପଲାସା	28.06.23	1830	0100
08046	ପୁରୀ - କେନ୍ଦୁଝରଗଡ଼	28.06.23	1845	0200
08034	ପୁରୀ - ଖୋର୍ଦ୍ଧା ରୋଡ଼	28.06.23	1945	2100
08022	ପୁରୀ - ଅନୁଗୁଳ	28.06.23	2000	0145
08906	ପୁରୀ - ସମ୍ବଲପୁର	28.06.23	2100	0500
08052	ପୁରୀ - ନୂଆଗାଁ ରୋଡ଼	28.06.23	2115	0115
08902	ପୁରୀ - ବିଶାଖାପାଟଣା	28.06.23	2255	0730

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

'ବିପର୍ଯ୍ୟୟ'ର ପରିଚାଳନା...

ସମୟର ମୁକାବିଲା କରିବାକୁ ସଚେତନତା ଓ ସତର୍କତା କିପରି ସହାୟକ ହୋଇଥାଏ, ତା'ର ଏକ ପ୍ରକୃଷ୍ଟ ଉଦାହରଣ ହେଉଛି ବାତ୍ୟା 'ବିପର୍ଯ୍ୟୟ'ର ସଫଳ ପରିଚାଳନା। ପାକିସ୍ତାନକୁ ଲାଗିଥିବା ସୀମା ନିକଟରେ ଗୁଜରାଟରେ ବିପର୍ଯ୍ୟୟ ଲ୍ୟାଣ୍ଡଫଲ୍ ବା ଭୂଭାଗ ଛୁଇଁବା ପୂର୍ବରୁ ଯେ କୌଣସି ପ୍ରକାରର ମାନବୀୟ ଦୁଃଖଦ ଘଟଣାକୁ ଏଡ଼ାଇବା ନିମନ୍ତେ ଭାରତର ବିପର୍ଯ୍ୟୟ ପରିଚାଳନା କର୍ମୀମାନେ ସମ୍ପୃକ୍ତ ଇଲାକାରୁ ଏକ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତରିତ କରିବା ଭଳି ନେଇଥିବା ପଦକ୍ଷେପଗୁଡ଼ିକ ଯୋଗୁଁ ସେପରି କୌଣସି ମର୍ମନ୍ତୁଦ ସମାଚାର ଶୁଣିବାରୁ ମୁକ୍ତି ମିଳିଛି, ଯଦିଓ ଗୁଜରାଟ ସରକାରଙ୍କ କର୍ମଚାରୀମାନଙ୍କ କହିବା ଅନୁସାରେ ଭାବନଗର ଜିଲ୍ଲାରେ ଗୋଟିଏ ପରିବାରର ଦୁଇଜଣ-ବାପ, ପୁଅ ନିଜର ଛେଳି ମେଣ୍ଢାଙ୍କୁ ବଞ୍ଚାଇବାର ଉଦ୍ୟମ କରି ଭାସି ଯାଇଥିବା ପ୍ରକାଶ କରିଛନ୍ତି। ପାକିସ୍ତାନ ମଧ୍ୟ ବାତ୍ୟା ଆକ୍ରାନ୍ତ କରିବାକୁ ଥିବା ସ୍ଥାନଗୁଡ଼ିକରୁ ୭୦ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତରିତ କରିଥିଲା। ବାତ୍ୟା ବିପର୍ଯ୍ୟୟ ହେଉଛି ଚଳିତବର୍ଷ ଭାରତକୁ ଆଘାତ ଦେଇଥିବା ବଡ଼ ଧରଣର ପ୍ରାକୃତିକ ଦୁର୍ବିପାକ, କାରଣ ଏହା ପୂର୍ବରୁ ସୃଷ୍ଟି ହୋଇଥିବା ବାତ୍ୟା ମୋଟା ଭାରତରେ ଭୂଭାଗ ଛୁଇଁ ନଥିଲା; ପରିବର୍ତ୍ତେ ଭାରତର ପଡ଼ୋଶୀ ରାଷ୍ଟ୍ର ମିଆଁମାରର ସଂଘଟିତ ହୋଇଥିଲା ମେ' ୧୧ ତାରିଖରୁ ୧୪ ତାରିଖ ମଧ୍ୟରେ। ବାତ୍ୟା ବିପର୍ଯ୍ୟୟ, ଯାହା କଚ୍ଛ-ସୌରାଷ୍ଟ୍ର ଅଂଚଳରେ ଭୀଷଣ କ୍ଷୟକ୍ଷତି ଘଟାଇଛି; ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିବା ଫଳରେ ପାଖାପାଖି ପାଞ୍ଚ ହଜାର ଗ୍ରାମ ବିଦ୍ୟୁତ୍ ସଂଯୋଗରୁ ବିଚ୍ଛିନ୍ନ ହୋଇ ପଡ଼ିଥିଲା, ତେବେ ଉପରୋକ୍ତ ଦୁଇଜଣ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କୌଣସି ମାନବ ଜୀବନ ହାନି ସମ୍ପର୍କରେ ସୂଚନା ମିଳିନାହିଁ। କହିବା ବାହୁଲ୍ୟ, ଏହା ତେଣୁ ଏକ ଭୟଙ୍କର ପ୍ରାକୃତିକ ଦୁର୍ବିପାକର ସଫଳ ପରିଚାଳନାର ଉଦାହରଣ। ଏହା ମଧ୍ୟ ନିଜର ନାଗରିକମାନଙ୍କୁ ରକ୍ଷା କରିବା ପାଇଁ ବୈଷୟିକ ଜ୍ଞାନକୌଶଳ ଓ ଲୋକମାନଙ୍କୁ ବ୍ୟବହାର କରିବା ନେଇ ଆମ ଦେଶର ନିଷ୍ପତ୍ତିର ଏକ ସଫଳ ପରୀକ୍ଷା ବୋଲି କୁହାଯାଇପାରେ। ସରକାର ଏବଂ ବିପର୍ଯ୍ୟୟ ମୁକାବିଲା ବାହିନୀମାନଙ୍କର ଅକ୍ଳାନ୍ତ ପରିଶ୍ରମ ଫଳରେ ଶୁକ୍ରବାର ସୁଦ୍ଧା ପାଖାପାଖି ୩,୫୮୦ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ଦିଆଯାଇ ସାରିଥିବାର ଖବରକୁ ମଧ୍ୟ ଏକ ସୁଖବର ଭାବରେ ବିବେଚନା କରାଯିବାର ଯଥାର୍ଥତା ରହିଛି। ଇତି ମଧ୍ୟରେ ଅବଶ୍ୟ ବାକି ରହିଥିବା ଆଉ ଏକ ହଜାରରୁ ଅଧିକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇ ସାରିଥିବା ଆଶା କରାଯାଏ। ବାତ୍ୟାର ଭୀଷଣ ପବନ, ଯାହା ଘଂଟା ପ୍ରତି ପାଖାପାଖି ୧୪୦ କିଲୋମିଟରରୁ ଅଧିକ ଥିବା ବୋଲି କୁହାଯାଇଛି, ତାହା ହାରାହାରି ୬୦୦ ବଡ଼ ବଡ଼ ଗଛ ଉପୁଡ଼ିବାର କାରଣ ପାଲଟିଥିବାରୁ ତିନିଗୋଟି ରାଜ୍ୟ ରାଜପଥରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବ୍ୟାହତ ହୋଇଥିଲା। ତେବେ ଇତି ମଧ୍ୟରେ ବିପର୍ଯ୍ୟୟ ମୁକାବିଲା ବାହିନୀ ଏସବୁ ପଥକୁ ପରିଷ୍କାର କରି ସାରିଥିବା ମଧ୍ୟ ଆଶା କରାଯାଏ। ପରେ ବିପର୍ଯ୍ୟୟ ରାଜସ୍ଥାନରେ କେତେକ ସ୍ଥାନରେ ବିପର୍ଯ୍ୟୟ ଘଟାଇଥିବା ଜଣାପଡ଼ିଛି। ଅନେକ ବର୍ଷ ହେବ ଗୁଜରାଟ ବାତ୍ୟା ବିପର୍ଯ୍ୟୟ ଭଳି ପ୍ରକୃତିର ଅନେକ ପ୍ରକାରର କୋପକୁ ସହ୍ୟ କରି ଆସିଛି ଏବଂ ବେଶ୍ କିଛି ବର୍ଷ ହେବ ଭାରତ ମହାସାଗରୀୟ ଉପକୂଳର ଉତ୍ତର ଭାଗ ଏକ ନିୟମିତ ଓ ସାଂଘାତିକ ପ୍ରାକୃତିକ ଦୁର୍ବିପାକଗୁଡ଼ିକୁ ପରିଲକ୍ଷିତ କରିଆସୁଛି। ୧୯୯୮ରେ ଗୁଜରାଟରେ ସଂଘଟିତ ଏକ ବାତ୍ୟା ୪ ହଜାରରୁ ଅଧିକ ସଂଖ୍ୟକ ଲୋକଙ୍କ ପ୍ରାଣହାନିର କାରଣ ପାଲଟିଥିଲା। ଏଇ କେତେବର୍ଷ ହେବ ଆବର ସାଗରର ପୃଷ୍ଠଦେଶର ତାପମାତ୍ରା ୧.୨ରୁ ୧.୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଥିବାରୁ ବେଳକୁ ବେଳ ଏହା ଉତ୍ତପ୍ତ ହେବା ସହିତ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକର କାରଣ ପାଲଟିବାକୁ ଆରମ୍ଭ କରିଛି। ବାତ୍ୟା ବିପର୍ଯ୍ୟୟର ସଫଳ ମୁକାବିଲା କ୍ଷେତ୍ରରେ ଜାତୀୟ ବିପର୍ଯ୍ୟୟ ରିଲିଫ୍ ବଳର ଭୂମିକାକୁ ଯେତେ ପ୍ରଶଂସା କଲେ ସୁଦ୍ଧା ତାହା କମ୍ ହେବ, ଯଦିଓ ଏହାର ଉଦ୍ୟମ ପଛରେ ଆହୁରି ଅନେକଗୁଡ଼ିଏ ଏଜେନ୍ସି ତଥା ସ୍ୱେଚ୍ଛାସେବୀମାନଙ୍କର ସହଯୋଗ ରହିଥିଲା। ଉଦ୍ୟମ ପଛରେ ଆହୁରି ଅନେକଗୁଡ଼ିଏ ଏଜେନ୍ସି ତଥା ସ୍ୱେଚ୍ଛାସେବୀମାନଙ୍କର ସହଯୋଗ ରହିଥିଲା। ତେବେ ବିପର୍ଯ୍ୟୟ କ୍ଷେତ୍ରରେ ଏହାକୁ ତ୍ୱରିତ ଗତିରେ କାର୍ଯ୍ୟ କରିବାକୁ ପଡ଼ିଥିଲା। ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ହାତକୁ ନେବା ନିମନ୍ତେ ଖୁଂଟ, ଗଛକଟା ଯନ୍ତ୍ରପାତି ଏବଂ ରବର ବୋଟ୍‌ଗୁଡ଼ିକରେ ସୁସଜ୍ଜିତ ଏନଡିଆରଏଫ୍‌ର ୧୮ଟି ଉତ୍ସର୍ଗୀକୃତ ଦଳ ବାତ୍ୟା ବିପର୍ଯ୍ୟୟର ମୁକାବିଲା କରିବାକୁ ଗୁଜରାଟରେ ମୁତୟନ ହୋଇଥିଲେ।

ଗୁଣ୍ଡିଚା ଯାତ
ରାମଚନ୍ଦ୍ର ବେହେରା

ଶୁକ୍ଳ ଆଷାଢର ଦ୍ୱିତୀୟା ତିଥିରେ
ଆସିଛି ଗୁଣ୍ଡିଚା ଯାତ
ଅଗଣିତ ଭକ୍ତ ପୁରୀ ବଡଦାଣ୍ଡେ
ଟାଣୁଛନ୍ତି ତିନି ରଥ।

ତାଳଧ୍ୱଜ ରଥେ ଭ୍ରାତା ବଳଭଦ୍ର
ଆସୁଛନ୍ତି ହସି ହସି
ପଛରେ ଆସୁଛି ସୁଭଦ୍ରା ଭଉଣୀ
ଦେବଦଳନରେ ବସି।

ଭଉଣୀଂକ ପଛେ ଆସୁଛି କାଳିଆ
ବସି ନନ୍ଦିଘୋଷ ରଥେ
ତାଂକୁ ଦେଖିବାକୁ ଯାଗା ମିଳୁ ନାହିଁ
ଶ୍ରୀକ୍ଷେତ୍ରର ପୁଣ୍ୟ ପଥେ।

ଘଣ୍ଟ ତୂରୀ ଭେରୀ କାହାଳୀ ଶବଦେ
ଦାଣ୍ଡ ପଡୁଛି ଉଛୁଳି
ମହା ମନ୍ତ୍ର ଗାଇ ନାଚୁଛନ୍ତି ଭକ୍ତ
ବଜାଇ ହାତରେ ତାଳି।

ଶଂଖ ହୁଳହୁଳି ହରିବୋଲ ଶବ୍ଦେ
ଶ୍ରୀକ୍ଷେତ୍ର ହୋଇଛି ଧନ୍ୟ
ରଥ ଦଉଡିକୁ ଶ୍ରଦ୍ଧାରେ ଟାଣିଲେ
ମିଳଇ ଅଶେଷ ପୁଣ୍ୟ।

ନଅ ଦିନ ପାଇଁ ମାଉସୀ ମା' ଘରେ
ରହିବେ ତିନି ଠାକୁର
ପୋଡପିଠା ଖାଇ ଖୁସି ମନାସିବେ
ଦୂରେ ରହି ଶ୍ରୀମନ୍ଦିର।

ଦେଶ ବିଦେଶରୁ ଅଗଣିତ ଭକ୍ତ
ପୁରୀ ଆସିଛନ୍ତି ଧାଇଁ
ପ୍ରଭୁ ଦୀନବନ୍ଧୁ କୃପା ବରଷିବେ
ଜଗତ କଲ୍ୟାଣ ପାଇଁ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ଅରୁଣ କୁମାର ତ୍ରିପାଠୀ

ଶ୍ରୀଜଗନ୍ନାଥ : ପୂର୍ଣ୍ଣ ମଧ୍ୟରେ ସମ୍ପୂର୍ଣ୍ଣ

ଆପଣ ଦେଖନ୍ତୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଷୟରେ ଯଦି ଚିନ୍ତା କରିବା ଜଗନ୍ନାଥ କିଏ, ଜଗନ୍ନାଥ କ'ଣ ? ସେ ପୁରୁଷ, ନା ସ୍ତ୍ରୀ, କଣ ସିଏ ? କିଏ କହେ ତାଙ୍କୁ ରାମ, କିଏ କହେ କୃଷ୍ଣ, କିଏ କହେ ଶିବ, କିଏ କହେ ସେ ଭୈରବ, କିଏ କହେ ସେ କାଳୀ ! ତ ବିବିଧ ରୂପରେ ଲୋକମାନେ ତାଙ୍କୁ ବର୍ଣ୍ଣନା କରିଛନ୍ତି। କାରଣ ସେ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ ।

' ପରଂବ୍ରହ୍ମ ବିଦ୍ୟା କୁମଳୟ
ଦଳ ଉତ୍ଫୁଲ୍ଲ ନୟନୌ
ନିବାସୀ ନିଳାଦ୍ରୌ ନିହିତ
ଚରଣଂ ଅନନ୍ତ ଶିରସୀ । ରାସାନନ୍ଦୋ
ରାଧା ସରସ ବପୁରା ଲିଙ୍ଗନସୁଖୌ
ଜଗନ୍ନାଥ ସ୍ୱାମୀ ନୟନ
ପଥଗାମୀ ଭବଃତୁମେ ।

ବ୍ରହ୍ମର ଉପାସନା କ୍ଷେତ୍ର ହେଉଛନ୍ତି ପୁରୁଷୋତ୍ତମ କ୍ଷେତ୍ର । ନିଳାଦ୍ରୀ କନ୍ଦରରେ ସ୍ୱୟଂ ପରଂବ୍ରହ୍ମ ବିରାଜମାନ କରିଛନ୍ତି ; ଉପାସନ ପାଉଛନ୍ତି ।

' ଯଦ୍ୱାରୁ ବ୍ରହ୍ମମୂର୍ତ୍ତୀ ପ୍ରଣବ ତନୁଧରଂ ସର୍ବ ବେଦାନ୍ତ ସାରଂ

ସେ ହେଉଛନ୍ତି ସାକ୍ଷାତ ପ୍ରଣବ ମୟ ବିଶ୍ୱ, ସାକ୍ଷାତ ପରଂବ୍ରହ୍ମ । ଏହିଭଳି ଏକ ଚର୍ଚ୍ଚା ନିମନ୍ତେ ପଣ୍ଡିତ ସଦାଶିବ ରଥଶର୍ମା ଯାଇଥିଲେ ଆମେରିକା , ୭୩-୭୪ ମସିହାରେ । ସେଲ୍ଫ ରିଅଲାଇଜେସନ ସୋସାଇଟି ସେଠି ତାଙ୍କୁ ଡାକି ଥିଲେ ଏବଂ ପ୍ରଶ୍ନ ପଚାରିଥିଲେ, ଆପଣଙ୍କ ଜଗନ୍ନାଥଙ୍କ ସ୍ୱତନ୍ତ୍ରତା କ'ଣ ? ଜଗନ୍ନାଥ କିଏ ? ସେ ସେଠି ଗୋଟେ ସାଧାରଣ ଉତ୍ତର ଦେଇଥିଲେ । ସେ କଥାଛଳରେ ପାଞ୍ଚଜଣ ଲୋକଙ୍କୁ ଡାକିଲେ । କହିଲେ ଏଠି କଳାକାର ଅଛନ୍ତି, ବିଭିନ୍ନ ରଙ୍ଗମଞ୍ଚ ତଥା ସିନେମା ମାନଙ୍କରେ ସେମନେ ଅଭିନେତା ଅଭିନେତ୍ରୀଙ୍କୁ ବିଭିନ୍ନ ପ୍ରସାଧନ ସାମଗ୍ରୀରେ ସଜ୍ଜିତ କରନ୍ତି । ଏଠି ଜଣଙ୍କୁ ଡାକିବା, ଜଣଙ୍କୁ କହିବା ଶିବ ରୂପରେ ସଜେଇଦେ, ଜଣଙ୍କୁ ଡାକିବା ଏବଂ ରାମ କରିଦେବା, ଯିଏ କୋଦଣ୍ଡ ଦଣ୍ଡ ଧାରଣ କରି ଶ୍ୟାମଳ ବର୍ଣ୍ଣ ଶ୍ରୀ ରାମ ରୂପରେ ପ୍ରକଟିତ ହେଇପାରିବେ । ଅନୂରୂପ ଭାବେ ଜଣଙ୍କୁ କୃଷ୍ଣ ରୂପରେ ସଜେଇଦେବା, କସ୍ତୁରି ତିଳକଂ ଲଲାଟ ପଟ୍ଟଳେ ବକ୍ଷସ୍ଥଳେ କୌସ୍ତୁଭଂ । ଜଣଙ୍କୁ ଦୂର୍ଗା ରୂପରେ ମଧ୍ୟ ଆମେ ପ୍ରକଟ କରେଇ ପାରିବା । କିନ୍ତୁ ତନ୍ମଧ୍ୟରୁ ଜଣଙ୍କୁ କହିଲେ, ଆଜ୍ଞା ମୋତେ ଜଗନ୍ନାଥ କରେଇପାରିବେ ? କେମିତି ଜଗନ୍ନାଥ କରିବେ ତାଙ୍କର ଚିନ୍ତା ସେଇଠି ଶୂନ୍ୟ ହେଇଗଲା । କିନ୍ତୁ ଜଗନ୍ନାଥ ମହାପ୍ରଭୁଙ୍କୁ ଆପଣ ଯାହା କରିଦେବେ ସେ ସେୟା ହେଇଯିବେ । ଯେ ହେଉଛି ବ୍ରହ୍ମର ଲକ୍ଷଣ ।ବ୍ରହ୍ମର ସୂଚନା । ବ୍ରହ୍ମର ସ୍ୱତନ୍ତ୍ରତା । ବ୍ରହ୍ମର ପ୍ରକୃତ ସ୍ୱଭାବ । ଆପଣ ଜଗନ୍ନାଥ ମହାପ୍ରଭୁଙ୍କୁ କୃଷ୍ଣ କରିଦିଅନ୍ତୁ, ଭାଦ୍ରବ ମାସରେ ମହାପ୍ରଭୁ କୃଷ୍ଣ ବଳରାମ ବେଶ ହେଉଛନ୍ତି, ବଣଭୋଜୀ ବେଶ ହେଉଛନ୍ତି, ଭାଦ୍ରବ ମାସରେ କେତେବେଳେ , ' ତ୍ରିପାଦସ୍ୟା ମୃତଂଦିବିଃ ।' ତାଙ୍କର ହାତ ନାହିଁ , ଗୋଡ଼ନାହିଁ କିନ୍ତୁ ସେ ବଳୀର ଦ୍ୱାରଦେଶରେ ଭିକ୍ଷାଂଦେହି ବାମନ ରୂପରେ ପ୍ରକଟ ହେଉଛନ୍ତି, ତ୍ରିପଣ୍ଡୁକୁ ଧାରଣ କରି । ସେ ଯେତେବେଳେ ଗଜକୁ ଉଦ୍ଧାର କରୁଛନ୍ତି, କେତେବେଳେ ଗଜରୂପ ମଧ୍ୟ ଧାରଣ କରୁଛନ୍ତି । କରୁନାହାଁନ୍ତି ? ମାଘ ପୂର୍ଣ୍ଣିମା ଦିନ ମହାପ୍ରଭୁ ପ୍ରଭୁ ଗଜ ଉଦ୍ଧାରଣବେଶରେ ଶୃଙ୍ଗାର ହୁଅନ୍ତି । ସ୍ନାନ ପୂର୍ଣ୍ଣିମା ଦିନ ସେ ନିଜେ ଗଜ ରୂପରେ,

' ତ୍ୱମେବ ବକ୍ରତୁଣ୍ଡଂ ତ୍ୱମେବ ଗଣନାୟକ । '

ପୁଣି କୁହାଯାଏ

ରକ୍ତ ବର୍ଣ୍ଣ ସିନା ପାର୍ବତୀ ନନ୍ଦନ, ଧଳା କଳା ହାତି ଜଗତ ନାଥ, ଖୋଳ ବୁଲାଇଣ ଭୁଞ୍ଜନ୍ତି ଅର୍ଣ୍ଣକୁ , ଦୁର୍ଲଭ ସେ ରୂପ ବର୍ଣ୍ଣନ ।'

ସେ ସେଠି ହାତି ରୂପରେ ମଧ୍ୟ ପ୍ରକଟ ହେଉଛନ୍ତି ଏବଂ ଗଜକୁ ମଧ୍ୟ ଉଦ୍ଧାର କରୁଛନ୍ତି । ଯେ ହେଉଛି ବ୍ରହ୍ମର ସ୍ୱରୂପ ଅଟେ , ବ୍ରହ୍ମର ଲକ୍ଷ୍ୟଣ । ବିଶ୍ୱର ଯେତେବଡ଼ କଳାକାର ଅଛି, ଡାକନ୍ତୁ, କିନ୍ତୁ ଜଣଙ୍କୁ ଯିଏ ମନୁଷ୍ୟକୁ ଜଗନ୍ନାଥ କରିବ ! ସେ କରିପାରିବେନି । କିନ୍ତୁ ଜଣେ ମନୁଷ୍ୟକୁ ଶିବ ରୂପରେ ସଜ୍ଜିତ କରିପାରିବା, ଦୂର୍ଗାରୂପରେ ମଧ୍ୟ ବେଶ କରିହେବ, ଶ୍ରୀରାମ ରୂପ ମଧ୍ୟ ଧାରଣ କରିହେବ । ମହାପ୍ରଭୁ ସେଭଳି ରାମ ରୂପରେ ଏଠି ପ୍ରକଟିତ ହେଉଛନ୍ତି, କୃଷ୍ଣରୂପରେ ମଧ୍ୟ ଅବତୀର୍ଣ୍ଣ ହେଉଛନ୍ତି, ନାରାୟଣ ରୂପରେ ବିରାଜମାନ ହେଉଛନ୍ତି, ଏବଂ ନୃସିଂହ ରୂପରେ ପ୍ରକଟ ହେଉଛନ୍ତି ଏବଂ ବିବିଧ ରୂପରେ ସେ ଅବତୀର୍ଣ୍ଣ ହୋଇ ସେ, 'ମେକା ସୀନ ସ୍ଥିତ ଜଗତ୍' ଦ୍ୱାରା ସେ କହୁଛନ୍ତି ମୁଁ ହେଉଛି ଜଗତରେ ଏକମାତ୍ର ସ୍ଥିର । ପୁଣି କୁହାଯାଏ

' ସର୍ବେନ୍ଦ୍ରୀୟ ଗୁଣାଭାଷଂ, ସର୍ବନ୍ଦ୍ରୀୟଂ ବିବର୍ଜିତମ୍ ।'

ସମସ୍ତ ଇନ୍ଦ୍ରୀୟ ମାନଙ୍କୁ ସେ ଧାରଣ କରିଅଛନ୍ତି ଏବଂ ସମସ୍ତ ଇନ୍ଦ୍ରୀୟ ମାନଙ୍କୁ ସେ ବର୍ଜିତ କରୁଅଛନ୍ତି । ଜଗନ୍ନାତଙ୍କ ସହ ଆମେ କାହାକୁ ସମତୂଲ୍ୟ କରିପାରିବା ନାହିଁ । ତାଙ୍କ ଠାରୁ ହିଁ ସମସ୍ତେ ଉତ୍ପତ୍ତି ହେଇଅଛନ୍ତି । ତାଙ୍କ ଠାରୁ ଦୂର୍ଗା, ତାଙ୍କ ଠାରୁ ଶିବ । ତେଣୁ ଯେଉଁଠି କୋଟିଏ ଦେବତା ଆଜି ଭାରତ ବର୍ଷର ଯେଉଁ ମହାନ ସଂସ୍କୃତି ଓ ପରମ୍ପରା ଆଜି କାହିଁକି କ୍ଷୁର୍ଣ୍ଣ ହେଉଛି ? ଆମର ଭିନ୍ନତା, ଗୋଷ୍ଠିବାଦ, ରାମ ସମ୍ପ୍ରଦାୟ, କୃଷ୍ଣ ସମ୍ପ୍ରଦାୟ, ବୈଷ୍ଣବ ସମ୍ପ୍ରଦାୟ, ଶୈବ ସମ୍ପ୍ରଦାୟ, ଶାକ୍ତ ସମ୍ପ୍ରଦାୟ । ଏ ବିବିଧ ସମ୍ପ୍ରଦାୟହିଁ ଆମ ଭାରତୀୟ ସନାତନ ଧର୍ମକୁ ଖଣ୍ଡିତ ବିଖଣ୍ଡିତନ କରୁଛି । ଏବଂ ଜଗନ୍ନଥ ହିଁ ବିଶ୍ୱ, ମିଳନର ଏ ମହାନ ବିଚାର ଅଟନ୍ତି । ପୁଣି ଶୁଣିବାକୁ ମିଳେ ଯଦ୍ୱାରୁ ବ୍ରହ୍ମମୂର୍ତ୍ତି ପ୍ରଣବ ତନୁଧରଂ ସର୍ବ ବେଦାନ୍ତ ସାରଂ ଭକ୍ତାନାଂ କଳ୍ପବୃକ୍ଷଂ ଭବ ଜଳ ତରଣୀ ସର୍ବତତ୍ତ୍ୱାନୁ ତତ୍ତ୍ୱଂ । ଶୈବାନାଂ ଭୈରବାକ୍ଷଂ ପଶୁପତି ରୀତି ଯା ଶାସ୍ତ୍ର ତତ୍ତ୍ୱଂ ବୌଦ୍ଧାନାଂ ବୁଦ୍ଧରୂପଂ ବୃଶବଜ ଯଦିବରଂ ଜୈନ ସିଦ୍ଧାନ୍ତ ସାରଂ ।

ଆପଣଙ୍କ ବୈଷ୍ଣବ ମାନେ କହୁଛନ୍ତି ସେ ମୋର ଠାକୁର, ଶୈବ ମାନେ କହୁଛନ୍ତି ସେ ମୋର ଠାକୁର, ରାମ ସମ୍ପ୍ରଦାୟ କହୁଛନ୍ତି ସେ ମୋର ଠାକୁର,କୃଷ୍ଣ ସମ୍ପ୍ରଦାୟ କହୁଛନ୍ତି ସେ ମୋର ଠାକୁର, ବୌଦ୍ଧମାନେ କହୁଛନ୍ତି ବୌଦ୍ଧାନାଂ ବୁଦ୍ଧରୂପଂ , ଜୈନ ମାନେ କହୁଛନ୍ତି ଜୈନ ସିଦ୍ଧାନ୍ତ ସାଂର ; ଏହି ସମସ୍ତେ ଗୋଟିଏ ଦେବତାକୁ କହୁଛନ୍ତି ସେ ମୋର ଦେବତା, ମୋର ପ୍ରାଣ, ମୋର ଇଷ୍ଟ ଦେବତା । ଏୟା କଣ ସମ୍ଭବ ? ଆଜି ରାମ ସମ୍ପ୍ରଦାୟର ଲୋକଙ୍କୁ ଯଦି ଆପଣ ଦୁର୍ଗା ଯଦି ବୈଷ୍ଣବଙ୍କ ପ୍ରସାଦ ଦେବେ ତାହା ଗ୍ରହଣ କରୁନାହାନ୍ତି, ଭିନ୍ନ ଭେଦଭାବ, ବିଚାର ଆଜି ସନାତନ ଧର୍ମ, ଆର୍ଯ୍ୟ ପରମ୍ପରାକୁ ଭିନ୍ନ କରୁଛି । ସେ ସମସ୍ତ ବିଚାର ଧାରାକୁ ଏକ କରିଛି, ମେକା ସିନୋ ସ୍ଥିତୋ ଜଗତ୍, ସେହି ବିଚାରଧାରାକୁ ଆଧାର କରି କାଳ କାଳ ଧରି ମହାପ୍ରଭୂ ଏଠି ବିରାଜମାନ କରୁଛନ୍ତି, ସେ କହୁଛନ୍ତି ମୁଁ ବୁଦ୍ଧଙ୍କର, ମୁଁ ଜୈନଙ୍କର, ମୁଁ ଶୈବଙ୍କର, ମୁଁ ରାମଙ୍କର, ମୁଁ ବୈଷ୍ଣବ ମାନଙ୍କର ; ତେଣୁ ରାମାନୁଜ, ଶଙ୍କରାଚାର୍ଯ୍ୟ ଯେତେ ଆଚାର୍ଯ୍ୟ ଆସିଛନ୍ତି ତାଙ୍କୁ ସେ ସ୍ୱୀକାର କରୁଛନ୍ତି, ପରଂବ୍ରହ୍ମ ରୂପରେ, ଗ୍ରହଣ କରିଛନ୍ତି, ଏବଂ ଇଷ୍ଟ ଦେବ ରୂପରେ ତାଙ୍କୁ ଦର୍ଶନ କରିଅଛନ୍ତି, ତାଙ୍କର ମନ ଭିତରେ ଥିବା ସମସ୍ତ ମାୟା ସଙ୍କଟରୁ ଦୂରିତ ହେଇଅଛନ୍ତି, ତେଣୁ ଜଗନ୍ନାଥ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ । ତାଙ୍କର ହାତ ଅଛି, ହାତ ନାହିଁ, ଗୋଡ଼ ଅଛି, ଗୋଡ଼ ନାହିଁ, ସେ ଅକର୍ଣ୍ଣ । ବ୍ରହ୍ମର ଲକ୍ଷ୍ୟଣ କ'ଣ? ଯିଏ ବିନା ପାଦରେ ଯାତ୍ରା କରେ , ବିନା ଚକ୍ଷୁରେ ଯିଏ ଦର୍ଶନ କରନ୍ତି, ବିଏ କର୍ଣ୍ଣରେ ଯିଏ ଶୁଣିଥାଏ, ବିନା ହାତରେ ଯିଏ କର୍ମ କରିଥାଏ । ଏଣୁ ରାମ ଚରତି ମାନସରେ କୁହାଯାଇଅଛି ,

'ବିନୁ ପଦ ଚଲଇ ଶୁନଇ
ବିନୁ କାହ୍ନା ।
କର ବିନୁ କର୍ମ କରଇ
ବିଧି ନାନା
ଆନନ ରହିତ ସକଳ
ରସ ଭୋଗୀ
ବିନୁ ବାଣୀ ବକତା
ବଡ଼ ଯୋଗୀ।

ଯଃ ଅଚକ୍ଷୁ ସ ପଶ୍ୟତି । ଯଃ ଅକର୍ଣ୍ଣୋ ସଃ ଶୃଣୋତି । ଯାହାର ଆଖି ନାହିଁ ସେ ସବୁ ଦେଖୁଥାଇ, ଯାହାର କାନା ନାହିଁ ସେ ସବୁ ଶୁଣୁଥାଇ । ଆମ ଡାକ କାଳିଅ ସାଆନ୍ତ ଶୁଣୁନାହାଁନ୍ତି? ଆମକୁ ସେ ଦେଖୁ ନାହାଁନ୍ତି ? ଆମ ଭାବ ସେ ବୁଝୁ ନାହାଁନ୍ତି ? ସବୁ ପଢୁଛନ୍ତି । ତେଣୁ ତାଙ୍କର କାନ ଅଛି, କାନ ନାହିଁ, ଆଖି ଅଛି ଆଖି ନାହିଁ । ସେ ସର୍ବେନ୍ଦ୍ରୀୟ ଗୁଣାଭାଷଂ, ସର୍ବେନ୍ଦ୍ରୀୟ ବିବର୍ଜିତଂ । ସେ ହେଉଛନ୍ତି ସାକ୍ଷାତ ପରଂବ୍ରହ୍ମ ।

+ଜୟପୁର,
ମୋ: ୯୦୭୮୮୩୮୬୨୭

ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସାକାର କରିବ ଭାରତର ଜି-୨୦

ନେତାଜୀ ତାପସ କୁମାର ସାହୁ

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ତାଙ୍କର ମହିମା ଅବର୍ଣ୍ଣନୀୟ । ଯୁଗ ସହ ତାଳ ଦେଇ ମାନବ ସମାଜ ପରିବର୍ତ୍ତନର ଧାରଣାର ଗତି କରୁଥିବା ବେଳ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ କିନ୍ତୁ ସ୍ଥିର ହୋଇ ରହିଛି, ଯାହାକି ସମଗ୍ର ବିଶ୍ୱକୁ ଦିଗ୍ ଦର୍ଶନ ଦେଉଛି । ସାମ୍ପ୍ରତିକ ସମୟେର ଭାରତ ବିଶ୍ୱର ୨୦ଟି ଅର୍ଥନୈତିକ କ୍ଷେତ୍ରେର ସଶକ୍ତ ରାଷ୍ଟ୍ର ମାନଙ୍କୁ ନେଇ ଗଠିତ ଜି ୨୦ର ନେତୃତ୍ୱ ନେଉଛି, ଯାହାର ଧ୍ୟେୟ ବାକ୍ୟ ରହିଛି 'ବସୁଧୈବ କୁଟୁମ୍ବକମ୍' - ଅର୍ଥାତ୍ ଏକ ପୃଥିବୀ, ଏକ ପରିବାର ଓ ଏକ ଭବିଷ୍ୟତ । ଏକ ପେକ୍ଷ ସମଗ୍ର ବିଶ୍ୱର ନିଜର ପତିଆରା ବୃଦ୍ଧି କରିବା ଲାଗି ଅନେକ ଦେଶ ହିଂସା ପନ୍ଥାକୁ ଆପଣାଇ ଥିବା ବେଳ ଭାରତ ଅହିଂ

କବିତାମାଳା

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୦ ଜୁନ୍, ମଙ୍ଗଳବାର, ୨୦୨୩

ଶୂନ୍ୟଦେହୀ

ଶରତ କୁମାର ଦାସ

ବେଳେବେଳେ ନିଖୋଜ ଇଚ୍ଛାମାନଙ୍କୁ
ଖୋଜିବସେ ଅତୀତକୁ ଘୋଡାଇଦେଇ
ସାତସିଆଁ ସ୍ମୃତିର ଦରବାରେ ।

ଧୂଳିଲଗା ଆୟୁଷ ମୋ ବିଳପିଉଠେ
ଶୂନଶାନ ରାତିର ନିଃଶବ୍ଦ ପ୍ରହରେ ।

ପବନର ପାପୁଲିରୁ ଝରେ ବୁନ୍ଦା ବୁନ୍ଦା ରକ୍ତ
ପାଳଭୂତ ନିନ୍ଦୁଥାଏ ତା' ନିଜ ଭାଗ୍ୟକୁ
ଅସୁମାରି କୋହକୁ ମନ ତଳେ ଚାପି ।

ଶୂନ୍ୟରୁ ଶୁଭେ ବିକଟାଳ ଶବ୍ଦ
ଅବିକଳ ମୋ ଭଳି କେହି ଜଣେ
ଚିତ୍କାର କରେ ଅଧାରାତିର ଗାଢ
ଅନ୍ଧକାରେ ।

କିଏ ସେ ହତଭାଗ୍ୟ ?
କାହା ଆଖିରୁ ନିଗିଡିପଡୁଚି ଟପ ଟପ ଲୁହ ?
ସେ କ'ଣ କେହି ଶୂନ୍ୟଦେହୀ ?
ସେ କି ଅବା ମୋ ପ୍ରଲମ୍ବିତ ଛାଇ ?

ସନ୍ଦେହର ନଇଟିଏ ବହିଯାଏ
କୁଳୁକୁଳୁହୋଇ ମୋ ଦୀର୍ଘ ବିଶ୍ୱାସର
ପାହାଡ ସନ୍ଧିରେ ।

ଠିକ୍ ସେତିକିବେଳେ ଅଜାଡିପଡେ
ମୁଠାଏ ନୀରବତା ଆକାଶ ଛାତିରୁ
ପ୍ରେମ ଓ ପ୍ରତ୍ୟୟର ପୃଥିବୀଟା ଭୁଷୁଡିପଡେ
ଯେମିତି ମୋ ଆଖି ସାମ୍ନାରେ ।

କ୍ଷଣିକେ ଘର ସାରା ଭର୍ତ୍ତି ହୋଇଯାଏ
ଅବସାଦର କଳାଛାଇ
କୋଣଠେସା ହୋଇ ପଡିଥାଏ ସେମିତି
ମୋ ସ୍ୱପ୍ନର ଅଧାଗଢା ଚିତ୍ର ।

ଫାଟି ଦି'ଫାଳ ହୋଇଯାଏ
ମୋ ଭାବନାର ଅନ୍ତଃସ୍ଥଳ ଓ ବହିଃସ୍ଥଳ ।

ନିଜ ମୁହଁ ଅଚିହ୍ନା ଲାଗେ ଆଇନାରେ
କିଛି ଦୂରରେ ହସୁଥାଏ ସେଇ ପ୍ରତିବିମ୍ବ
ମୋ ନିଃସଙ୍ଗତାକୁ ଏକଲୟରେ ଚାହିଁ ।

❤ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

ମୋ ହାତରେ ଭରିଦିଅ

ଭରତ ଚନ୍ଦ୍ର ଦାଶ



ମୋ କାଳିଆ
ସାଆନ୍ତ ଆସିବେ ବୋଲି ତ
ମୁଁ ନିଜକୁ ପ୍ରସ୍ତୁତ କରୁଛି
ରଥ ଗଢିଲେ ମୋ
ଜୀବନ ଆଗକୁ ଗଡିଚାଲିବ
ସମୟର ବଡ଼ଦାଣ୍ଡପରେ
ଉଛୁଳି ପଡିବ
ମୋ ପାରିବାପଣ
ଯାହା ତୁମେ
ଦେଇଥିଲ ମାତୃଗର୍ଭରେ
ମୁଁ ଭୂମିଷ୍ଠ ହୋଇ
ଯୋଡିଥିଲି ହାତ
ସେ ଅଦୃଶ୍ୟ
ବହ୍ମଶକ୍ତିକୁ
ଯାହା ସର୍ବ ବ୍ୟାପୀ
ସର୍ବଶକ୍ତିମାନ

ଏଠି ସେଠି ସବୁଠି
ସ୍ଥୁଳରୂପରେ ଦେହରୂପୀ
କ୍ଷୟଶୀଳ ପିଣ୍ଡରେ ।

ଘୋ ଘୋ
ଘର୍ ଘର୍ ନାଦରେ
ଦାରୁ ଦିଅଁ
ବ୍ରହ୍ମ ପାଲଟିବେ
ଘୋଷଯାତ୍ରା
ପ୍ରାଣୀଙ୍କ ତୁଣ୍ଡରେ ଶୁଭୁଥିବ
ଶଙ୍ଖ ଓ ହରିବୋଲ ଶବ୍ଦ
ସ୍ୟନ୍ଦନର ପଦାଘାତରେ
ଦୂରେଇ ଯିବ
ସମସ୍ତ ଅନିଷ୍ଟ
ଅନିଷ୍ଟକାରୀ ଶକ୍ତି
ବଳହୀନ ବୀର୍ଯ୍ୟହୀନ ହେବେ
ଠିକ୍ ଗାଣ୍ଡିବରୁ
କଳା ଅପହୃତ ହେବାପରି
ନା ସେମାନେ
ସ୍ପର୍ଦ୍ଧିତ ହେବେ
ନା ଟେକିପାରିବେ
ତାଙ୍କ ଅହଂକାରୀ ଆସ୍ପର୍ଦ୍ଧା ।

ଏମାନେ ନିମିତ୍ତମାତ୍ର
ରକୁ ଧରିଥାନ୍ତି
ଟାଣିବାର ଉପକ୍ରମ
ତୁମେ ସ୍ୱଇଚ୍ଛାରେ ଚାଲ
ଭକ୍ତପାଇଁ ଅଟକିଯାଅ
ଯାହା ଅଦୃଶ୍ୟ ଓ ଅସ୍ପଷ୍ଟ
ବାଲିରଥରେ
ବଳରାମର ସେବାରେ
ତୁମେ ଆତ୍ମତୃପ୍ତି ଲଭ
ଭକ୍ତର ପ୍ରେମାଶ୍ରୁର
ଦୁଇଟୋପାରେ
ତୁମ ଅଦୃଶ୍ୟ ପାଦ
ପ୍ରକ୍ଷାଳିତ ହୁଏ
ପୁନର୍ବାର ଅଗ୍ରସର ହୁଅ
ସ୍ୱର୍ଗ ସୁଖ, ପରମ ବୈଭବ
ଯାହା ମୂଲ୍ୟହୀନ
ଭକ୍ତି ନିକଟରେ ।

ପ୍ରଭୁ ! ମୋ
ସମର୍ପିତ ହାତରୁ
ତୋଳିନିଅ ମୁଁ ତ୍ୱର
ନାରିକେଳ
ଲୋଡାନାହିଁ କିଛି
ମୋ ହାତରେ ଭରିଦିଅ
ଦୁଇମୁଠା ଶରଧାର ବାଲି ।

❤ସଦସ୍ୟ, ଓଡିଶା ସାହିତ୍ୟ
ଏକାଡେମୀ
ମାର୍କୋଣା, ବାଲେଶ୍ୱର-
୭୫୬୧୨୬
ମୋ: ୯୪୩୭୩୭୨୧୬୬

ଆହେ ଦାରୁବ୍ରହ୍ମ

ବିଜୟଲକ୍ଷ୍ମୀ ପଟ୍ଟନାୟକ

ରହି ନୀଳଶଇଳରେ ଦାରୁବ୍ରହ୍ମ ଅବତାରେ
ଅନନ୍ତ ଅସୀମ ରୂପେ ପ୍ରକଟ ହେଲ
ପାଦ ପାଣି କର୍ଣ୍ଣ ଆଦି ଗୋପ୍ୟ
ହୋଇଲ ଅନାଦି
ଚକ୍ଷୁ ବଡ ବଡ କରି ସବୁ ଦେଖିଲ
ତୁମେ କରୁଣାର ସାଗର
ମୋ ପରି ଅନାଥ ପାଇଁ ହେଲ ନିଷ୍ଠୁର ।

କଳ୍ପବଟ ମୂଳେ ରହି ଲୀଳା କରୁଛ ଗୋସାଇଁ
ଗୋଲାକାର ଆଖିରେ ବ୍ରହ୍ମାଣ୍ଡ ଦେଖୁଛ
କି ଡୋରୀ ଲଗାଇ ଅଛ ଆତ୍ମାରେ
ବିରାଜୁ ଅଛ
ଇଡା ପିଙ୍ଗଳା ନାଡିରେ ଗତି କରୁଛ
ସେ ବନ୍ଧନ ଗଲେ ହୁଗୁଳି
ଶିବରୁ ଶବ ହୋଇବ ହୋଇବ ଭାଳି ।

ତୁମ ନାମ ଜପି ଜପି ତରିଗଲେ ପାପୀ ତାପି
କଳିଯୁଗେ ନାମ ସାର ନାମ ହିଁ ତପ
ନାମୀ ଠାରୁ ନାମ ବଡ ସଂସାରେ ନଉକା ପାର
କରିବାକୁ ଆସିଅଛ ଚକାନୟନ
ଆଉ ସବୁ ମାୟା ବନ୍ଧନ
ଛିଣ୍ଡାଇ ଧାଇଁବ ମନ ସେ ବୃନ୍ଦାବନ ।

ନିତି ପାପପଙ୍କ ପୂର୍ଣ୍ଣ ସଂସାରେ ହୋଇ ଉଚ୍ଛନ୍ନ
ଡାକୁଛି ଆତୁରେ ପ୍ରଭୁ ଦୟାସାଗର
ଦୁଃଖଣ କଷଣପୂର୍ଣ୍ଣ ସଂସାରେ ଦେଲ ଜନମ
କି ଭାବରେ ହୋଇବି ହେ ଏଥୁ ଉଦ୍ଧାର
ସେହି ପ୍ରଭୁ ନୁହଁ କି ତୁମ୍ଭେ
ଭାବ ବନ୍ଧନରେ ବାନ୍ଧି ରଖିବ ଭବେ ।

ଅଥଳ ସାଗର ହରି କିପରି ହୋଇବି ପାରି
ବତାଇ ଦିଅ ହେ ପ୍ରଭୁ ଧରିଣ କର
ଭାବରେ ମଜ୍ଜାଇ ଦିଅ ପ୍ରେମରେ ଜଡାଇଦିଅ
ଦୁର୍ଲ୍ଲଭ ମାନବ ଜନ୍ମ କର ସଫଳ
ଯୁଗ ଯୁଗର ଅବତାର
ତବ ପାଦେ ମତି ସଦା ରହୁ ମୋହର ।

❤ଭୁବନେଶ୍ୱର ୧୬
ମୋ: ୮୮୯୫୨୭୪୭୯୪

ଦେହ-ପାଳଭୂତ

ଜ୍ଞାନେନ୍ଦ୍ର

ଗୋଟିଏ ଅଗଭୀର ରାତ୍ରିରେ
ଚେତନାର ଦାରୁଣ ବର୍ଷା...

ଆଲୋକର ଛାୟା ସଦୃଶ ଦେହଛପା ଦେଇ
ମୋ ପରି କେହି ଜଣେ ବସିଥାଏ ଅବ୍ୟର୍ଥ ସମୟର ---
ଅତୀନ୍ଦ୍ରିୟ ଉହାଡ଼ ସଂଲଗ୍ନ ଭୀମକାୟ ଏକ
ଶିଳାଖଣ୍ଡ'ପରେ,

ସହଜେ ବିଜୁଳି ଗତି ପରି ଚର୍ମ ଚକ୍ଷୁର ପଲକପାତ
ଚମକେ ସର୍ପର ତୀବ୍ର ଦଂଶନ ପ୍ରାୟ ଯାହା ଅତୀବ କ୍ଷିପ୍ର
ଅଥଚ, ମୋ ଅନ୍ତଃକରଣରେ ସେ ଆଖି ସମ୍ପୂର୍ଣ୍ଣ ଓଲଟା
ଅନୁଭବର ଆଲୋକନ ବୁଣୁଥାଏ କେତେ ଯେ ସୁଦୀର୍ଘ !
ବିନିଦ୍ର ଚୈତନ୍ୟର ସେଇ ଦୀପ୍ତ ତିମିର ବନ୍ୟାରେ
ମୋ ଅନ୍ତଃସ୍ଥ ବ୍ରହ୍ମାଣ୍ଡର ମାଟି ଓ ଆକାଶ
ଦିଶୁଥାଏ କ୍ରମଶଃ ଏକାକାର ।

ସମୟର ବ୍ୟାପ୍ତି ସର୍ବତ୍ର, ନିଶ୍ୱାସରୁ ରୋମକୂପ...,,
ଆପାଦମସ୍ତକ ପିନ୍ଧିଥାଏ ଚକ୍ ଚକ୍ କଳାମୁଗୁନି ପରି ପରିଚ୍ଛଦ ।
ପବନ ସୂତାରେ ବନ୍ଧା ତା'ଦେହର ବିସ୍ତୃତ କୃଷ୍ଣ ଉତ୍ତରୀୟ
ଡେଣା ମେଲି ଫରଫର ଉଡୁଥାଏ ସାରା ଆକାଶ ।
କାଳ ଏକ ତମସା ରଙ୍ଗର ଅଲଂଘ୍ୟ ପ୍ରାଚୀର ପରି
ଜଣାପଡୁନ'ଥାଏ କେତେ ପର୍ଯ୍ୟନ୍ତ ଲମ୍ବିଥିବ ଏ ପଥ ?

ମନେପଡ଼େ ଅଜ୍ଞାତ ପୋଥି ପୃଷ୍ଠାର ମହାକାଗତୀୟ ଦର୍ଶନ
ଅଲିଭା ସ୍ୟାହିରେ ଅଙ୍କିତ ଅବିଶ୍ୱସନୀୟ ଯାମିନୀର ଚିତ୍ର,

ଆଲୋକ ନିର୍ବାପିତ ହେବା ସହ
ଅନ୍ତିମ ଦୃଶ୍ୟ ପରବର୍ତ୍ତୀ ଅତର୍କିତ ଅନ୍ଧାରରେ
ମରିଯାଆନ୍ତି ନାଟକର ସବୁଯାକ ଚରିତ୍ର ।

ମୋ ଭିତରେ ତମିସ୍ରାର ଏ ବିକରାଳ ଆଁ'
ଗିଳୁଥାଏ କୋଟି କୋଟି ସୂର୍ଯ୍ୟ, ତାରା, ଗ୍ରହ, ନକ୍ଷତ୍ର,
ଆକାଶଗଙ୍ଗା, ବିଶାଳ ଅଙ୍ଗାଳିକା, ହାତୀ, ଘୋଡ଼ା, ଛାର ମଣିଷ ।
ଏ ସେଇ ସାତରାତିର ମହାକାୟ ଅନ୍ଧକାର... !

ତଥାପି, ମାୟା କବଳିତ ଅଜ୍ଞାନ ଦେହ
ଅକଳନୀୟ ସଂଗ୍ରହର ଗଣ୍ଠିଲିକୁ କାନ୍ଧରେ ବୋହି
ଅଥଳ ସିନ୍ଧୁରେ ଅବିରାମ ପହଁରି ଯାଉଥିଲା
ବିଦୀର୍ଣ୍ଣ ଡଙ୍ଗାଟିଏର ସଂଘର୍ଷ ପରି...
ଆତ୍ମା ସଦା ନିର୍ବିକାର ଏକ ନାଉରୀ ପ୍ରାୟ
ଈଶ୍ୱରଙ୍କ ହାତରେ ଡଙ୍ଗାର ମଙ୍ଗ ଧରାଏ
ଦେହ-ତରୀ ଉପରେ ସୁଖାସନରେ ବସି ରହି
ଦେଖୁଥାଏ ଆକାଶ ସେପାରି ।

ସକାଳକୁ ଭାଙ୍ଗି ପଡ଼ିଥାଏ ପକ୍ଷୀବସା, ଉଇହୁଙ୍କା ।

ବିଶେଷ ସୁଗନ୍ଧରେ ଅଗଣା ମହକିଉଠେ
ଖୋଜିଲେ ବି ସେମିତି ବାସ୍ନା'ର ମିଳେନାହିଁ କେଉଁ ଫୁଲ !
କଣ୍ଟାଗଛ ଉପରେ ମାଡ଼ିଥିବା ଅକାଳବିନ୍ଦୁ ଲତା ଦେହରେ
ପବନରେ ମନ୍ଦ ମନ୍ଦ ଝୁଲୁଥାଏ ସର୍ପଟିଏର ଖୋଳ ।

ସକାଳ ଆକାଶର ଲାଲ ସୂର୍ଯ୍ୟ ପରି
ଆଖି ପୁନର୍ବାର ବହୁରୂପୀ କାମନାରେ ଜଳିଉଠେ
ଦିକ୍ ଦିକ୍ ହୋଇ...,,

ଏ ମୋର ଅସତ୍ୟ ଦେହ 'ପାଳଭୂତ' ପରି ଆତ୍ମାହୀନ
ଜଗିବସେ ମାଇଲ ମାଇଲ ଧରି ସାମ୍ନାରେ ଲମ୍ବି ଯାଉଥିବା
ଲୋଭ, ମୋହ, ମାୟା, ଅହଙ୍କାରର ବିସ୍ତୀର୍ଣ୍ଣ କ୍ଷେତ ।

+ ସଲ୍‌ଟ ଲେନ୍, ସୁନ୍ଦରୀ, ସୁନହଟ
ବାଲେଶ୍ୱର-୧

ତୁମେ ଆଉ ମୁଁ

ବର୍ଷାରାଣୀ ମହାମଲ୍ଲିକ

ତମେ ଆଶ୍ରୟ ଛାଇଁ
ମୁଁ ଯେ ଅଟେ ବାଟୋଇ
ତୁମେ ଜନ୍ହ ଜୋଛନା,
ମୁଁ ସେ ଆଲୁଅରେ ଦେଖେ ଆଇନା
ତମେ କଲମ ଅଟ
ମୁଁ ସାଧା କାଗଜ ମାତ୍ର
ତମେ ଢେଉ ସମୁଦ୍ରର
ମୁଁ ଯେ ରେଣୁ ମାତର
ତୁମେ ନୀଳସାଗର
ମୁଁ ତଟିନୀ ତୁମର
ତୁମ କଥା ମଧୁର
ମୁଁ ଯେ ତୁମରି ସ୍ୱର
ତୁମେ ଆଲୁଅ ଅନ୍ଧାରେ
ମୁଁ ଅନ୍ଧୁଣୀ ପ୍ରେମରେ
ତୁମେ ଅଟ ମୋ ସ୍ୱପ୍ନ
ମୁଁ ତୁମରି ଜୀବନ
ତୁମେ ବସନ୍ତ ର ଆଗମନ
ମୁଁ କୋଇଲି କୁହୁ ତାନ
ତୁମେ ବିଶାଳ ସିନ୍ଧୁ
ମୁଁ ସେ ସିନ୍ଧୁ ର ବିନ୍ଦୁ
ତୁମେ ଖୋଜ ସୁବାସ
ମୁଁ ତ ତୁମରି ପୁଷ୍ପ ।
ତମେ ଆକାଶ ପରା
ମୁଁ ଯେ ତାରା ପସରା
ତୁମ ଠାରେ ଥିଲେ ଲୟ
ମତେ ଲାଗେ ଅମୃତମୟ
ତମେ ଦୁଃଖରେ ମୋର
ମୁଁ ଦୁଃଖରେ ତୁମର
ତମେ ଯେଉଁଠି ରହ
ମୁଁ ଏକା ଯେ ତୁମର ।

❤ ଜିଲ୍ଲା :ବରଗଡ଼

ରଥରେ ନା ତୁମେ ପଥରେ

କାଳିକିଙ୍କର

ରଥରେ ନା ତୁମେ ପଥରେ ଠାକୁର
ବୁଝି ଯେ ମୁଁ ପାରୁନାହିଁ
କୋଟି ଜନ ଏହି ସମୁଦ୍ର ଭିତରେ
ସବୁଠି ତ ଭାବଗ୍ରାହୀ
ତୁମ ରୂପ ଝଲସଇ,
ତେଣୁ ମହାବାହୁ ସତକରି କୁହ
ସତେ ତୁମେ କେଉଁଠାଇଁ ।

କେଉଁ ରାଜା କେବେ ଗଢିଲା ଦେଉଳ
ଶ୍ରୀମନ୍ଦିର ନାମ ଦେଇ
କେଉଁ ପଣ୍ଡା କେବେ ତୁମ ଅରଚନା
କଳା ଯେ ପ୍ରଥମେ ଯାଇ
ମୁଁ ଅଧମ ଜାଣିନାହିଁ,
କେଉଁ ଭକ୍ତ ପୁଣି ଦେଖିଲା ତୁମକୁ
କୁହ ପ୍ରଭୁ ନିରେଠେଇ ।

ଶିଳ୍ପୀ ବିଶ୍ୱକର୍ମା ଗଢିଲେ ତୁମକୁ
କେବେ ମରତେ ଓହ୍ଲେଇ
ତେବେ ତୁମ ରଥ ସେ ଗଢି ନ ଥିଲେ
ଏକଥା ଜାଣିଛି ମୁହିଁ
କେ ରଥ ଗଢିଲା ତହିଁ
ବଡ଼ ଦାଣ୍ଡ ପୁଣି କେ ନିର୍ମାଣ କଲା
କୁହ ଜଗତ ଗୋସାଇଁ ।

ଯେଉଁଆଡ଼େ ମୋର ନୟନ ଯାଉଛି
ପୂର୍ଣ୍ଣତା ଶୁନ୍ୟତା ଡେଇଁ
ସବୁଠି ତ ତୁମେ ଭାବନାଲୋକେ ମ
ଉଦ୍ଭାସିତ ହେଉଥାଇ
ସତଟି ବୁଝିଲି ମୁହିଁ,
ରଥରେ ନାହିଁ କି ପଥରେ ଯେ ନାହିଁ
ମୋ ହୃଦୟେ ଅଛ ସାଇଁ ।

❤ ସୌଭାଗିନୀ ନ୍ୱାସ, ରଟିଲୋ, ରେଞ୍ଜ,
ପୁରୀ-୭୫୨୧୧୪,
ମୋ-୯୪୩୯୫୩୯୨୨୯

ପ୍ରକୃତିର ଡାକ ଶୁଣ

ଅରୂପ କୁମାର ବିଶ୍ୱାଳ

ପାଣିପାଗ ବାଲା ସତର୍କ କଲେଣି
ଆଗକୁ ତାତି ବଢିବ,
ଓଡିଶା ହୋଇବ ଲୁହାର ପିଣ୍ଡୁଳ
ସବୁଠି ନିଆଁ ଜଳିବ ।

ଏତେ ତାପମାତ୍ରା ରଜ ପରେ ମଧ୍ୟ
ଅସହ୍ୟ ଗଲାଣି ହୋଇ,
ଦିନରେ ଜାଳୁଛି ରାତି ବି ଜଳୁଛି
ବିଶ୍ୱ ଡାକେ ତ୍ରାହି ତ୍ରାହି ।

ସ୍କୁଲ ଛୁଟି ହେଲା ପାଠଶାଠ ଗଲା
ସବୁଠି ତାତିର ଭୟ,
ଜୀବନ ଲାଗୁଛି ଫିକାଫିକା ଏଠି
ପ୍ରକୃତି ସାଜେ ନିର୍ଦ୍ଦୟ ।

ଏସି, ଫ୍ୟାନ ବିନା ବଞ୍ଚିବା ମୁସ୍କିଲ
ଜୀବନଟା ଲାଗେ ବୋଝ,
ବିଜୁଳିର ଲୁଚକାଳି ଖେଳ ଦେଖି
ହେ ମଣିଷ ଥରେ ହେଜ ।

ଆଷାଢ଼ ରେ ଯଦି ବରଷା ନହେବ
କେମିତି ହୋଇବ ଚାଷ,
ବିଲବାଡି ନିଶ୍ଚେ ପଡିବ ପଡିଆ
ହେବ ନିଶ୍ଚେ ସର୍ବନାଶ ।

ଦ୍ରୁତ ବନ ହ୍ରାସ କରୁଛି ମଣିଷ
ସେଥିରେ ଲଗାଏ ନିଆଁ,
ପ୍ରକୃତି ବସନ ଜଳିଯାଏ ଦେଖ
ଜଳୁଛି ସହର ଗାଆଁ ।

ବନର ରକ୍ଷକ ଗୁଳିରେ ମରନ୍ତି
ଜଗିବ କିଏସେ ବନ,
ଆଖି କାନ ଖୋଲି ଦେଖ ହେ ସମସ୍ତେ
ପ୍ରକୃତର ଡାକ ଶୁଣ ।

❤ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦୀପ,
ମୋ-୯୦୪୦୮୭୦୧୦୦

କାଳିଆ ସାଆନ୍ତ ମୋର

କବିତା ପଣ୍ଡା

ନାହିଁ ଡେଣା ମୋର
ନାହିଁ ଧନ ବଳ
ଯିବାକୁ ତୋ ଶ୍ରୀ କ୍ଷେତ୍ରର ।

ଏଇଠି ଡାକିଲେ
ଶୁଣି ବକି ଡାକ
କୁହ ହେ ଜଗଦିଶ୍ୱର ।

ନିତି ଝୁରେ କେତେ
ଦେଖି ବାକୁ ତୋତେ
ଏ ବେନି ନୟନ ମୋର ।

ଭାବ ବୁଝୁ ବୋଲି
ଭାବ ବିନୋଦିଆ
ଡାକନ୍ତି ଭକତେ ତୋର ।

ବୁଝି ବକି ଥରେ
ଦୁଃଖି ନିର ଭାବ
ଆହେ ମୋ କଳା ଠାକୁର ।

ହଲି ଝୁଲି ଆଜି
ବିରାଜିତେ ରଥେ
କାଳିଆ ସାଆନ୍ତେ ମୋର ।

ଦୂରରୁ ଥାଇ ମୁଁ
କରୁଛି ଜଣାଣ
ଶ୍ରୀ ପଙ୍କଜକୁ କୋଟି ଜୁହାର ।

❤ମଙ୍ଗଳପୁର
ସୋର, ବାଲେଶ୍ୱର
ମୋ: ୭୭୩୫୭୭୬୩୪୨

ଜୀବନ ପୃଷ୍ଠା

ମିତା ପଟ୍ଟନାୟକ

ମୁଁ ଡାକୁଥିଲି ସେମାନଙ୍କୁ
ପାହାଡ଼ ଆରପଟ ଜହ୍ନ ରାତି
ଆଉ ଦୂର ଦିଗବଳୟ ପର୍ଯ୍ୟନ୍ତ
ଲମ୍ବିଥିବା ସମୁଦ୍ରକୁ :

ପ୍ରଥମ ପୃଷ୍ଠା----
ତାପରେ ହାତ ବଢ଼େଇ
ଧରିବାକୁ ଚେଷ୍ଟା କଲି
ଫୁଲରେ ବସିଥିବା ପ୍ରଜାପତି
ଦଳ ଦଳ ଦେଇ ବୁଲୁଥିବା ପଙ୍ଗପାଳଙ୍କ
ନିରୁତା କୋଳାହଳ
ଆଉ ଗାଁ ମୁଣ୍ଡ ମଶାଣିର
ଅସମ୍ଭବ ନୀରବତା ମାନଙ୍କୁ
ହେଲେ ମୁଁ ସେମାନଂକୁ ମୁଠେଇବା ଆଗରୁ
ମୋତେ ମୋହଗ୍ରସ୍ତ କରିସାରିଥିଲେ...

ଦ୍ୱିତୀୟ ପୃଷ୍ଠା ----
ରାହା ଧରି କାନ୍ଦୁଥିବା ଅବୋଧ ଶିଶୁ
କଂକ୍ରିଟ ପକ୍କା ଘରେ ନିର୍ବାସିତର
ବିଳାପ କରୁଥିବା ବୟସ୍କ ମହିଳା
ଉଭୟେ ଲାଗୁଥିଲେ ଏକା ପରି
ଜାଣେ କାନ୍ଦୁ ଥିଲା ଚକଲେଟ ପାଇଁ
ଆର ଜନକ ବିଳାପ କରୁଥିଲା
ଚକଲେଟ ଦେଇ ବଢ଼େଇଥିବା
ପିଲାଙ୍କ ପାଇଁ
ଉଭୟଙ୍କ ଭିତରେ କେବଳ ତଫାତ
କେବଳ ବୟସ ଆଉ ସମୟର

ତୃତୀୟ ପୃଷ୍ଠା -----
ଦୂର ତଳ ବଣ ଗାଉଥାଏ
ନୀରବତାର ଶ୍ଳୋକ
ସମୁଦ୍ର ଇସାରା କରୁଥାଏ
ନିଜ ଭିତରେ ଯାବତୀୟ ଦୁଃଖକୁ
ମାଡିବସି ଶୋଇ ଦେବାର ହତାଶା
ସବୁ ଥାଇ କାଙ୍ଗାଳ ହେବାର ନିରାଶା
ସବୁ ହଜେଇ ମଧ୍ୟ ନିଜକୁ ସମ୍ରାଟ
ହେବାର ଦୁର୍ବାର ଉଦଘୋଷଣା
ସବୁ ଅଯଥା କଥା ଭିତରେ
ଏଇ ବୋଧେ ଯଥା କଥା....

❤ସମ୍ବଲପୁର
ମୋ: ୯୪୫୭୩୯୦୦୩୩

ରଥାରୂଢ଼ ଦାରୁଦିଅଁ

ନୀଳମଣି ଚାନ୍ଦ

ରଥାରୂଢ଼ ଦାରୁଦିଅଁ ଯାତ୍ରା ଭିଆଇଛ
ନବଦିନ ଲାଗି ଜନ୍ମବେଦୀକୁ ଯାଉଛ ।

ପହଣ୍ଡିରେ ଆସି ବସ ନିଜ ନିଜ ରଥେ
ଆଗ ପଛ ହୋଇ ଯିବ ସିନା ବାଧିମତେ ।

ଗଜପତିଙ୍କର ଛେରାପହଁରା ମାର୍ଜନି
ଶୁଭଇ କାହାଳୀ ଖୋଳ ଘଣ୍ଟ ଘଣ୍ଟା ଧ୍ୱନି ।

ପ୍ରକମ୍ପିତ ବଡ଼ଦାଣ୍ଡ ଗଗନ ପବନ
କଳାବାମନ ଦର୍ଶନେ ଭକ୍ତ ମଣେ ଧନ୍ୟ ।

ପୁନର୍ଜନ୍ମ ହୁଏନାହିଁ ଏ ଦର୍ଶନ ଅନ୍ତେ
ଏ ବିଶ୍ୱାସ ଘୋଷଯାତ ଆଣି ମନେ ମନ୍ତ୍ରେ ।

ବରଷକେ ଥରେ ପତିତ ଉଦ୍ଧାର ପାଇଁ
ନନ୍ଦିଘୋଷ ଚଢି ଆସେ ସେହି କଳାସାଇଁ ।

ସାଥେ ରଥ ତାଳଧ୍ୱଜ ଓ ଦେବଦଳନ
ଧର୍ମ ଧାରା ବିଶ୍ୱାସର ସେ ପ୍ରତିଫଳନ ।

ରଥ ଯାତ, ଘୋଷ ଯାତ, ଶ୍ରୀଗୁଣ୍ଡିଚା ଯାତ
ତାର ମହିମା ପାଇଁଟି ଜଗତରେ ଖ୍ୟାତ ।

ଆଷାଢର ଝିପିଝିପି ବର୍ଷା ଯାଉ ଝରି
ଲାଗିବ ସେ ଦେବତାଙ୍କ ପୁଷ୍ପ ବର୍ଷା ପରି ।

ଜୟଜୟ ଜଗନ୍ନାଥ ସ୍ମରୁଥାଉ ମୁଖ
ହେବ ଲେଶ ଭବଭୟ ଦୂର ହେବ ଦୁଃଖ ।

❤ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

କାଳିଆର ନବଦିନ ଯାତ୍ରା

ଜୟଶ୍ରୀ ପଟ୍ଟନାୟକ

ଜଗନ୍ନାଥ ସଂସ୍କୃତି ହିଁ ଉତ୍କଳୀୟ ସଂସ୍କୃତି ଭାବରେ ଆମ ଜନଜୀବନକୁ କେଉଁ ଆଦିମକାଳରୁ ପ୍ରଭାବିତ କରି ଆସୁଛି । ଶ୍ରୀ ଜଗନ୍ନାଥ ହେଉଛନ୍ତି ଓଡିଆ ଜାତିର ପ୍ରାଣବିନ୍ଦୁ । ସେ କେବଳ ଓଡିଶାର ଆରାଧ୍ୟ ଦେବତା ନୁହଁନ୍ତି ସମଗ୍ର ବିଶ୍ୱର ଦାରୁଦେବତା । ସେ ହେଉଛନ୍ତି ଅନୁଭବର ଠକୁର । ମାନବୀୟ ଲୀଳାର ପ୍ରତୀକ । ଉତ୍କଳୀୟ ମାନଙ୍କର ପରିଚୟ । ଓଡିଶାର ଇତିହାସ ଜଗନ୍ନାଥ ଇତିହାସ ଓଡିଶାର ସଂସ୍କୃତି ଜଗନ୍ନାଥ ସଂସ୍କୃତି । ସେ ସର୍ବ ବିଦ୍ୟମାନ । ସର୍ବ ଶକ୍ତିମାନ ବିଶ୍ୱନିୟନ୍ତା । ବିଶ୍ୱକଲ୍ୟାଣକାରୀ ଶ୍ରୀକ୍ଷେତ୍ରର ମଉଡମଣି । ସେ ଲୀଳାମୟ ପୁରୁଷୋତମ । ସେ ଅନନ୍ତ କୋଟି ବ୍ରହ୍ମାଣ୍ଡର ସୃଷ୍ଟିକର୍ତା । ଜଗତର ନାଥ ।

ଭାରତର ଚାରିଧାମ ମଧ୍ୟରୁ ପବିତ୍ର ଉତ୍କଳର ଶ୍ରୀକ୍ଷେତ୍ର ହେଉଛି ମର୍ତ୍ୟ ବୈକୁଣ୍ଠ । ମହାପ୍ରଭୁଙ୍କ ନିତ୍ୟ ନୀଳାଚଳ ଏକ ପବିତ୍ର ଲୀଳାକ୍ଷେତ୍ର । ପ୍ରଭୁ ନୀଳାଦ୍ରୀବିହାରୀ ହେଉଛନ୍ତି ଏ କ୍ଷେତ୍ରର ଅଧୀଶ୍ୱର । ଶ୍ରୀ ମନ୍ଦିରର ରତ୍ନ ସିଂହାସନରେ ବିରାଜିତ ତିନିଠାକୁର ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କର ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୁଏ, ଦ୍ୱାଦଶ ଯାତ୍ରା । ତା ମଧ୍ୟରୁ ରଥଯାତ୍ରା ହେଉଛି ସର୍ବଶ୍ରେଷ୍ଠ ଯାତ୍ରା । । ଏହି ଯାତ୍ରା ସାମ୍ୟ, ମୂକ୍ତି ମୈତ୍ରୀ, ପ୍ରୀତି, ଶାନ୍ତି ,ସଂହତିର ଯାତ୍ରା । ଏହି ଯାତ୍ରାରେ ପ୍ରଭୁ ଜଗନ୍ନାଥ ରତ୍ନ ସିଂହାସନରୁ ଓହ୍ଲାଇ ଆସନ୍ତି ବଡଦାଣ୍ଡକୁ ଜାତି, ଧର୍ମ, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ବ୍ରାହ୍ମଣ ଠାରୁ ଚଣ୍ଡାଳ ପରିଯନ୍ତେ ସମସ୍ତଙ୍କୁ ଦିଅନ୍ତି ଦର୍ଶନ । ସମଗ୍ର ମାନବ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବାରେ ଘୋଷଯାତ୍ରାର ମହିମା ଅତୁଳନୀୟ । ଏଥିପାଇଁ ବିଶ୍ୱର କୋଣ ଅନୁକୋଣରୁ ଧାଇଁ ଆସନ୍ତି ଭକ୍ତମାନେ ନୀଳାଚଳକୁ ଏହି ଯାତ୍ରାକୁ ଦେଖିବାକୁ ଏବଂ ପାପମୋଚନ କରିବାକୁ । ଏହି ଯାତ୍ରାକୁ ନବଦିନାତ୍ମକ (ଯିବା ଆସିବା ଦୁଇଦିନ ଗୁଣ୍ଡିଚା ରହଣି ସାତଦିନ), ଆଡପ ଯାତ୍ରା, ରଥଯାତ୍ରା,ଯଜ୍ଞବେଦୀ ଯାତ୍ରା, ଘୋଷଯାତ୍ରା,ଜନ୍ମବେଦୀ ଯାତ୍ରା, ଦଶାବତାର ଯାତ୍ରା, ପତିତପାବନ ଯାତ୍ରା ,ଉତ୍ତରାଭିମୁଖୀ ଯାତ୍ରା , ଜନକପୁରୀ , ନବଦିନାତ୍ମକ ଯାତ୍ରା ମଧ୍ୟ କୁହାଯାଏ । ପ୍ରତିବର୍ଷ ଆଷାଢ଼ମାସ ପୁଷ୍ୟାନକ୍ଷତ୍ର ଯୁକ୍ତ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୁଏ ରଥଯାତ୍ରା । ଠାକୁରଙ୍କର ସମସ୍ତ ଯାତ୍ରାରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ବିଜେ ହେଉଥିବା ବେଳେ ସ୍ନାନପୂର୍ଣ୍ଣିମା ଓ ଗୁଣ୍ଡିଚା ଯାତ୍ରାରେ ସ୍ୱୟଂ ଜୀଉମାନେ ପହଣ୍ଡିବିଜେ ହୋଇଥାଆନ୍ତି । ତେଣୁ କୁହାଯାଏ -

ସ୍ନାନ ଗୁଣ୍ଡିଚାଏ ବେନି ସ୍ୱୟଂ ଲୀଳା ଯାର,

ପତିତପାବନ ଅର୍ଥେ ମନ୍ଦିରୁ ବାହାର ।

ସଂପୂର୍ଣ୍ଣ ରଥଯାତ୍ରାର ତିନିଗୋଟି ଅଂଶ ହେଲା ଗୁଣ୍ଡିଚା ଯାତ, ଆଡପ ଅବସ୍ଥାନ ଓ ବାହୁଡା ଯାତ୍ରା । ସ୍କନ୍ଦ ପୁରାଣ, ପଦ୍ମ ପୁରାଣ, ନାରଦ ପୁରାଣ, ନୀଳାଦ୍ରୀ ମହୋଦୟ, ବାମଦେବ ସଂହିତା ଓ ସ୍ମୃତି ସଂହିତାରେ ରଥଯାତ୍ରା ବିଷୟରେ ବର୍ଣ୍ଣତ ହୋଇଛି । ଯେତେବେଳେ ଜଗନ୍ନାଥ ଧର୍ମର ପ୍ରଥମ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରକୁ ଆସିଥିଲେ ସେତେବେଳେ ସେ ଶବର ପୂଜିତ ମାଧବ ବିଗ୍ରହକୁ ଦେଖିପାରିଲେ ନାହିଁ । ସେହି ନୈରାଶ୍ୟ ଭିତରେ ଦେବର୍ଷି ନାରଦଙ୍କର ସ୍ୱପ୍ନାଦେଶ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ପୁରୁଷୋତମ ନାମରେ ଅନୁଷ୍ଠାନ କରିଥିଲେ ମାଳବ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀ ଏହି ଯାତ୍ରାଟି ପରିଚାଳନା କରିଥିବାରୁ ତାଙ୍କ ନାମାନୁସାରେ ରହିଛି ଗୁଣ୍ଡିଚା ଯାତ । ଦାରୁ ବିଗ୍ରହ ମାନଙ୍କର ଜନକପୁରୀ ବା ଜନ୍ମସ୍ଥଳୀ ହେଉଛି ଗୁଣ୍ଡିଚା ଘର । ଶୂନ୍ୟବାଣୀ ଅନୁସାରେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ବାଙ୍କୀ ମୁହାଣରୁ ଦାରୁ ପାଇଲା ପରେ ସେହି ଦାରୁକୁ ଆଣି ଯେଉଁଠାରେ ମୂର୍ତ୍ତି ନିର୍ମାଣ କରି ପ୍ରଥମେ ପ୍ରତିଷ୍ଠା କରି ରାଜା ଓ ରାଣୀ ପୂଜା କରୁଥିଲେ ତାହା ହେଉଛି ଗୁଣ୍ଡିଚା ମଣ୍ଡପ । ଜଗତର ମଙ୍ଗଳ ନିମନ୍ତେ ଯେଉଁ ଯାତ୍ରା ଅନୁଷ୍ଠିତ ହୁଏ ତାକୁ ଘୋଷଯାତ୍ରା କୁହାଯାଏ । ରଥ ଗଡିଗଲାବେଳେ କାଷ୍ଠ ସଂଘର୍ଷ ଫଳରେ ଯେଉଁ ଧ୍ୱନି ଉତ୍ପନ୍ନ ହୁଏ ତାହାକୁ ଘର୍ଘର କହନ୍ତି ଏହି ଯାତ୍ରା ସମୟରେ ଘର୍ଘର ନାଦ ଜାତ ହେଉଥିବାରୁ ଏହାକୁ ଘୋଷଯାତ୍ରାକୁହାଯାଏ । ଶ୍ରୀମନ୍ଦିରର ପ୍ରଥମ ପ୍ରତିଷ୍ଠାତା ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀଙ୍କ ନାମ ଗୁଣ୍ଡିଚା ତାଙ୍କ ଇଚ୍ଛାକୁ ସମ୍ମାନ ଦେଖାଇ ଜଗନ୍ନାଥ ମହାପ୍ରଭୁ ଭାଇ ଓ ଭଉଣୀଙ୍କ ସହିତ ପ୍ରତିବର୍ଷ ଏଠାକୁ ଆସୁଥିବାରୁ ଏହି ଯାତ୍ରାକୁ ଗୁଣ୍ଡିଚା ଯାତ୍ରା କୁହାଯାଏ । ଜଗନ୍ନାଥ ବର୍ଷକୁ ଥରେ ରଥରେ ବସି ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି ସେଠାରେ ଯିବା ଆସିବା ସହିତ ନବଦିନ ଅତିବାହିତ କରନ୍ତି ତେଣୁ ଏହାକୁ ନବଦିନାତ୍ମକ ଯାତ୍ରା କୁହାଯାଏ । ରଥ ଦଉଡି ଟାଣିବା କାମରେ ସବୁଧର୍ମର ଲୋକମାନେ ଅଂଶଗ୍ରହଣ କରିଏହି ଦର୍ଶନରେ ପାପ କ୍ଷୟ ହୁଏ ବୋଲି ପତିତପାବନ ଯାତ୍ରା କୁହାଯାଏ ।ରଥଯାତ୍ରା କାଳରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ସହିତ ସୁଦର୍ଶନ, ବାସୁଦେବ, ଜୟଦୁର୍ଗା, ଯୋଗମାୟା, ମଦନମୋହନ, ରାମ ଓ କୃଷ୍ଣ ଏହି ଦଶମୂର୍ତ୍ତି ରଥରେ ବସି ଯାତ୍ରା କରୁଥିବାରୁ ଏହାକୁ ଦଶବତାର ଯାତ୍ରା କୁହାଯାଏ ।

ପ୍ରତିବର୍ଷ ଆଷଢ଼ ଶୁକ୍ଳ ଦ୍ୱିତୀୟାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରା ଲକ୍ଷାଧିକ ଭକ୍ତଜନଙ୍କ ଗହଣରେ ରଥରେ ବିରାଜମାନ ହୁଅନ୍ତି । ଶାସ୍ତ୍ର କହେ ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ । ରଥ ଉପରେ ଶ୍ର ଜଗନ୍ନାଥଙ୍କୁ ଦର୍ଶନ କଲେ ମୋକ୍ଷ ଲାଭ ହୁଏ । ବିଷ୍ଣୁଙ୍କର ଦଶବତାର ବର୍ଣ୍ଣନାରେ ବଳୀର ଦର୍ପ ନାଶ କରିବାକୁ ଯେଉଁ ପ୍ରଭୁ ବାମନ ଅବତାର ହୋଇଥିଲେ ଏବଂ ଆଷାଢ଼ ମାସର ଅଧିପତି ଶ୍ରୀବାମନ ହୋଇଥିବାରୁ ପ୍ରଭୁ ଆଷାଢ଼ ଦ୍ୱିତୀୟାରେ ବାମନ ରୂପରେ ରଥାରୁଢ଼ ହୋଇଆସୁଛନ୍ତି । ପ୍ରକୃତରେ ଏହି ଉତ୍ସବ ସ୍ନାନ ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇଥାଏ । ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧାମୂରତି ସ୍ନାନ ମଣ୍ଡପରେ ସ୍ନାନ କରନ୍ତି । ଶ୍ରୀ ଜଗନ୍ନାଥ ୩୫ ଗରା, ଶ୍ରୀ ବଳଭଦ୍ର ୩୩ ଗରା, ମା ସୁଭଦ୍ରା ୨୨ ଗରା ଓ ସୁଦର୍ଶନ ୧୮ ଗରା । ଏହିପରି ୧୦୮ ଗରା ଜଳସ୍ନାନ କଲାପରେ ଠାକୁରମାନେ ୧୫ ଦିନପାଇଁ ଅଣସର ଘରେ ରୁହନ୍ତି । ଏହି ଅଣସର ଘରେ ଠାକୁର ମାନଙ୍କୁ ତାଟି ବନ୍ଧାଯାଏ । ସାଧାରଣ ଲୋକମାନେ ଠାକୁରମାନଙ୍କ ଦର୍ଶନ ନ ପାଇ ପୁରୀଠାରୁ ୨୫ କି.ମି ଦୂରରେ ବ୍ରହ୍ମଗିରି ଠାରେ ଏହି ସମୟରେ ଅଲାରନାଥଙ୍କୁ ଦର୍ଶନ କରିବାର ପରମ୍ପରା ରହିଛି । ଅଣସର ସରିବା ପରେ ନେତ୍ରୋତ୍ସବ କରାଯାଏ । ଠାକୁରମାନଙ୍କ ନବଯୌବନ ଦର୍ଶନ ହୁଏ । ଶ୍ରୀ ଗୁଣ୍ଡିଚା ଦିନ ପାରମ୍ପରିକ ରୀତିରେ ଠାକୁରମାନେ ପହଣ୍ଡି ବିଜେ କରି ବଡ ଦେଉଳରୁ ରଥ ଉପରକୁ ଯାଇଥାନ୍ତି । ଠାକୁରମାନେ ରଥ ଉପରକୁ ବିଜେ କରିବା ପୂର୍ବରୁ ସେଦିନ ସକାଳେ ମନ୍ଦିରରେ ଆରତି, ମଇଲମ ଓ ତଡପ ଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ, ଗୋପାଳ ବଲ୍ଲଭ ଓ ସକାଳ ଧୂପ ଖେଚୁଡି ଭୋଗ ପ୍ରଭୃତି କରାଯାଇଥାଏ । ତାପରେ ରଥ ପ୍ରତିଷ୍ଠା ଓ ମଙ୍ଗଳାର୍ପଣ କରାଯାଇ ଧାଡିପହଣ୍ଡିରେ ରଥକୁ ବିଜେ କରାଯାଏ । ବାଇଶି ପାହାଚର ସାତପାହାଚ ଉପରେ ଟାହିଆ, ଚୂଳ ଲାଗିହେଲାପରେ ପ୍ରଥମେ ଶ୍ରୀ ସୁଦର୍ଶନଙ୍କୁ ଆଣି ସୁଭଦ୍ରାଙ୍କ ରଥରେ, ତାପରେ ଶ୍ରୀ ବଳଭଦ୍ର, ସୁଭଦ୍ରା ଏବଂ ଶେଷରେ ଜଗନ୍ନାଥଙ୍କୁ ପହଣ୍ଡିରେ ଅଣାଯାଏ ।

ପ୍ରଥମେ ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ତାହାପରେ ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କ ରଥ ଟଣାଯାଏ । ବଳଭଦ୍ରି ରଥର ଉଚ୍ଚତା ୩୨ ହାତ ୧୩ ଆଙ୍ଗୁଳି । ଏହା ୭୬୩ ଖଣ୍ଡ କାଠରେ ନିର୍ମିତ, । ଏଥିରେ ୧୪ ଗୋଟି ଚକ ରହିଛି । ଚକର ବ୍ୟାସ ୬ ଫୁଟ ୬ ଇଂଚ । ରଥ ରକ୍ଷକ ବାସୁଦେବ, ରଥରେ ମାତଳି, ଆୟୁଧ ହଳ ଓ ମୂଷଳ ଓ ଅନ୍ୟାନ୍ୟ ଦେବାଦେବା ଓ ଋଷି ମାନଙ୍କର ମୂର୍ତ୍ତି ରହିଥାଏ । ରଥର ରଙ୍ଗ ରକ୍ତନୀଳ । ତାପରେ ମା ସୁଭଦ୍ରା ଦର୍ପଦଳନ ରଥରେ ଆରୋହଣ କରନ୍ତି । ଏହି ରଥର ଉଚ୍ଚତା ୩୧ ହାତ । ଏହା ୫୯୩ ଖଣ୍ଡ କାଷ୍ଠରେ ତିଆରି ଏଥିରେ ୧୨ ଟି ଚକ ରହିଛି । ଚକର ବ୍ୟାସ ୬ ଫୁଟ । ରଥର ରକ୍ଷକ ଜୟଦୁର୍ଗା, ଆୟୁଧ ପଦ୍ମ ,କୁହାର , ସାରଥୀ- ଅର୍ଜୁନ । ଏହାଛଡା ଅନ୍ୟ ଦେବାଦେବୀ ମୂର୍ତ୍ତି ବିଦ୍ୟମାନ । ରଥାବରଣ ଲୋହିତ କୃଷ୍ଣ । ସର୍ବଶେଷରେ ଶ୍ରୀ ଜଗନ୍ନାଥ ଇନ୍ଦ୍ରଙ୍କ ପ୍ରଦତ୍ତ ନନ୍ଦିଘୋଷ ରଥରେ ବିଜେ ହୁଅନ୍ତି । ଏହି ରଥର ଉଚ୍ଚତା ୩୩ ହାତ ୫ ଅଙ୍ଗୁଳି । ୮୩୨ ଖଣ୍ଡ କାଠରେ ଏହା ନିର୍ମିତ । ଏହି ରଥରେ ୧୬ଟି ଚକ ରହିଛି । ଚକର ବ୍ୟାସ ୭ ଫୁଟ । ରଥାବରଣ ରକ୍ତପୀତ, ରଥ ରକ୍ଷକ- ଗରୁଡ, ଆୟୁଧ ଶଙ୍ଖ ଓ ଚକ୍ର, ସାରଥୀ ଦାରୁକ ଓ ଧ୍ୱଜାଧିପତି ହନୁମାନ । ଏହାଛଡା ବହୁ ଦେବାଦେବୀ ଓ ମୁନିଋଷି ମାନଙ୍କର କୀର୍ତ୍ତି ମୂର୍ତ୍ତି ଏଥିରେ ସ୍ଥାନ ପାଇଛି । । ଠାକୁରମାନେ ପହଣ୍ଡି ବିଜେ କରି ରଥ ଉପରକୁ ଯାଇଥାଆନ୍ତି ପୁରୀର ଗଜପତି ମହାରାଜା ତିନିରଥକୁ ଛେରାପହଁରା କରନ୍ତି । ଛେରପହଁରା ପରେ ତିନି ରଥରୁ ଚାରମାଳ ଫିଟାଯାଏ, ଅଶ୍ୱଯୋଡା, ଦଉଡି ବନ୍ଧା କାର୍ଯ୍ୟ ସରିବାପରେ ଘଂଟ, ମୃଦଙ୍ଗ, ହୁଳହୁଳି , ହରିବୋଲ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରି ସହିତ ଆରମ୍ଭ ହୁଏ ରଥଟଣା କାର୍ଯ୍ୟ । ଶ୍ରୀ ମନ୍ଦିରରୁ ଗୁଣ୍ଡିଚା ମନ୍ଦିର ଦୂରତା ସାଢ଼େ ତିନି କି.ମି । ରଥ ଦଉଡିକୁ ଟାଣି ଟାଣି ଭକ୍ତମାନେ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ପହଂଚାଇ ଥାଆନ୍ତି ଗୁଣ୍ଡିଚା ମନ୍ଦିରରେ ପହଁଚିବା ପରେ ଠାକୁରମାନଙ୍କୁ ପହଣ୍ଡି କରି ଭିତରକୁ ନିଆଯାଏ । ଶ୍ରୀ ମନ୍ଦିର ଭଳି ସେଠାରେ ମଧ୍ୟ ଠାକୁରମାନଙ୍କର ବିଭିନ୍ନ ନୀତିକାନ୍ତି କରାଯିବା ସହ ଅନ୍ନଭୋଗ ହୁଏ । ଶୁକ୍ଳ ନବମୀ ପର୍ଯ୍ୟନ୍ତ ଠାକୁରମାନେ ଗୁଣ୍ଡିଚା ଘରେ ଅବସ୍ଥାନ କରନ୍ତି । ପଂଚମୀରେ ହେରା ପଂଚମୀ ହୁଏ । ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନ ନେଇଥିବାରୁ ଅଭିମାନରେ ମହାଲକ୍ଷ୍ମୀ ଜଗନ୍ନାଥ ରଥର କିଛି ଅଂଶ ଭାଙ୍ଗି ଦେଇ ଆସନ୍ତି । ନବମୀ ଦିନ ସାନ୍ଧ୍ୟ ଦର୍ଶନ ହୋଇଥାଏ । ଏହି ଦର୍ଶନ କଲେ ବହୁ ପୁଣ୍ୟ ମିଳିଥାଏ ବୋଲି ପୁରାଣରେ ଉଲ୍ଲେଖ ଅଛି । ଦଶମୀ ଦିନ ବାହୁଡା ଯାତ୍ରା ହୁଏ । ପୂର୍ବରୁ ରଥଗୁଡିକୁ ଦକ୍ଷିଣମୋଡ କରାଯାଇ ନାକଚଣା ଦ୍ୱାର ଆଗରେ ରଖା ଯାଇଥାଏ । ବାହୁଡା ଯାତ୍ରା ଦିନ ଠାକୁରମାନଙ୍କର ରଥବିଜେ ପୂର୍ବରୁ ସକାଳେ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି, ରୋଷହୋମ, ଅବକାଶ , ସୂର୍ଯ୍ୟପୂଜା, ବେଶ, ଗୋପାଳ ବଲ୍ଲଭ, ସକାଳ ଧୂପ ପରେ ସେନାପଟା ଲାଗି ଓ ମଙ୍ଗଳାର୍ପଣ ଆଦି ନୀତିମାନ ହୋଇଥାଏ । ଠାକୁରମାନେ ରଥରେ ଅଧିଷ୍ଠିତ ହେବାପରେ ଗଜପତି ରାଜା ତିନିରଥର ଛେରାପହଁରା କରିଥାନ୍ତି । ଛେରାପହଁରା ସରିବାପରେ ଚାରମାଳ ଫିଟା, ଅଶ୍ୱଯୋଡା, ଦଉଡିବନ୍ଧା ଓ ରଥଟଣା ପାଇଁ କାର୍ଯ୍ୟ ସମ୍ପାଦନ ପରେ ରଥଟଣା ହୁଏ । ଫେରିବା ବେଳେ ଶ୍ରୀ ଜଗନ୍ନାଥ ମାଉସୀମା ମନ୍ଦିରରେ ପୋଡପିଠା ମଣୋହି କରନ୍ତି । ଗୁଣ୍ଡିଚା ଘର, ଶରଧା ବାଲି, ମାଉସୀମା ଘରକୁ ପଛରେ ପକାଇ ଜନ୍ମବେଦୀରୁ କର୍ମବେଦୀ ଶ୍ରୀମନ୍ଦିର ଅଭିମୁଖେ ବାହୁଡିଥାନ୍ତି । ଦଶମୀ ଦିନ ସବୁ ରଥ ସିଂହଦ୍ୱାରଠାରେ ପହଁଚିଲା ପରେ , ଏକାଦଶୀ ଦିନ ସୁନାବେଶ କରାଯାଏ ତାପରଦିନ ଅଧରପଣା ଓ ଅନ୍ୟାନ୍ୟ ନୀତି ହେବାପରେ ଚତୁର୍ଦ୍ଦଶୀରେ ନିଳାଦ୍ରୀ ବିଜେ ହୁଏ । ଏହିଠାରେ ରଥଯାତ୍ରା ସମାପନ ହୁଏ । ବରଷକେ ଥରେ ଆସିଥାଏ ରଥଯାତ୍ରା , ଲକ୍ଷ ଲକ୍ଷ ଭକ୍ତଙ୍କ ମନରେ ଖୁସୀ ଓ ଆନନ୍ଦ ଖେଳାଇ ଦେଇଥାଏ । ଅଗଣିତ ଭକ୍ତଙ୍କ ଗହଣରେ ଠାକୁରଙ୍କର ଔଦାର୍ଯ୍ୟ ଲୀଳା ବା ଉଦାର ଭାବ ସାରା ଜନମାନସକୁ ବାନ୍ଧି ରଖିଥାଏ । ସମଗ୍ର ବାୟୁମଣ୍ଡଳରେ ପବିତ୍ରତା ଭରିଯାଏ । ପତିତଜନଙ୍କୁ ଉଦ୍ଧାର କରିବା ପାଇଁ ଏବଂ ପ୍ରଭୁଙ୍କର କୃପା ଲଭିବା ପାଇଁ କାହିଁ କେତେଦୂରରୁ ଭକ୍ତମାନେ ଧାଇଁ ଆସିଥାନ୍ତି । ବିଶ୍ୱର କୋଣ ଅନୁକୋଣରେ ମଧ୍ୟ ପାଳିତ ହୁଏ ରଥଯାତ୍ରା । । ତେଣୁ ସେ ବିଶ୍ୱଦେବତା ।

+ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା

କାଳି ଦାସ

"ଜଗନ୍ନାଥ ସ୍ୱାମୀ ନୟନ ପଥ ଗାମୀ ଭବ ତୁମେ"

ପ୍ରତି ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆଶାଢ ମାସର ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପାଳନ କରାଯାଇଥାଏ । ଜଗାନ୍ନାଥଙ୍କ ଶ୍ରୀ କ୍ଷେତ୍ରର ଘୋଷ ଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ ଜମେ । ମହାପ୍ରଭୁ ଜଗନ୍ନାଥ ଓଡିଶାର ଇଷ୍ଟ ଦେବତା । ଓଡିଆ ସାହିତ୍ୟ, ଓଡିଆ ସଂଗୀତ, ଓ ଓଡିଆ ସଂସ୍କୃତି ସବୁଥିର କେନ୍ଦ୍ର ବିନ୍ଦୁ ହେଲେ ପ୍ରଭୁ ଜଗନ୍ନାଥ । ରଥ ଯାତ୍ରା ଦିନ ପ୍ରଭୁ ଶ୍ରୀ ଜଗନ୍ନାଥ ନିଜ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀ ମନ୍ଦିରର ରତ୍ନ ସିଂହାସନ ଛାଡି ବଡ ଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି । ମହାପ୍ରଭୁ ଜଗନ୍ନାଥ , ବଡ ଭାଇ ବଳରାମ ଓ ଭଗ୍ନୀ ସୁଭଦ୍ରାକୁ ନେଇ ରଥ ଯାତ୍ରାରେ ମାଉସୀ ମା ମନ୍ଦିରକୁ ଯାଇଥାନ୍ତି । ସେଇଠି ସାତଦିନ ରହି ପୁଣି ବଡ ଦେଉଳକୁ ଫେରି ଆସିଥାନ୍ତି । ପୁରୀ ରାଜା ଗଜପତି ଯାହାଙ୍କୁ ଚଳନ୍ତି ବିଷ୍ଣୁ ବୋଲି କୁହାଯାଏ ସିଏ ତିନି ରଥରେ ଛେରା ପହଁରା କରିଥାନ୍ତି ।

ନନ୍ଦିଘୋଷ ରଥରେ ପ୍ରଭୁ ଜଗନ୍ନାଥ ବିଜେ କରିଥାନ୍ତି । ବଳଭଦ୍ରଙ୍କ ରଥର ନାମ ହେଲେ ତାଳଧ୍ୱଜ ଏବଂ ସୁଭଦ୍ରା ଙ୍କ ରଥର ନାମ ହେଲା ଦର୍ପଦଳ । ଏହି ତିନି ମୂର୍ତ୍ତିଙ୍କୁ ରଥ ଉପରେ ରେ ଦର୍ଶନ କରିବା ପାଇଁ ଭକ୍ତ ମାନେ ଆତୁର ହେଇଥାନ୍ତି । ରଥ ଦଉଡି କୁ ଛୁଇଁ ବା ଟାଣିବା ପାଇଁ ଭକ୍ତଙ୍କ ଭିତରେ ସଂଘର୍ଷ ଚାଲିଥାଏ । ବିଶ୍ୱାସ ଅଛି ଯେ ରଥ ଯାତ୍ରା ରେ ରଥର ଦଉଡି ଟାଣିଲେ ସୁଖ ଓ ସମୃଦ୍ଧି ଜୀବନ ରେ ଆସିଥାଏ । ପ୍ରଭୁ ଜଗନ୍ନାଥଙ୍କରକୁ ଗରୁଡ ଧ୍ୱଜ ଓ କପିଧ୍ୱଜ ମଧ୍ୟ କୁହାଯାଏ । ଏହା ସବୁ ଠାରୁ ବଡ ରଥ, ଏହାର ଉଚ୍ଚତା ୪୫ ଫୁଟ, ଚାରୋଟି ଧଳା ଘୋଡା ଏଥିରେ ଲାଗିଥାନ୍ତି । ୧୬ ଟି ଚକ ଏଥିରେ ଲାଗିଥାଏ । ଲାଲ ଏବଂ ହଳଦିଆ ରଙ୍ଗର ବସ୍ତ୍ରରେ ନନ୍ଦିଘୋଷ ରଥକୁ ସଜା ଯାଇଥାଏ । ଏହି ରଥର ସାରଥିର ନାମ ଦାରୁକ । ନନ୍ଦିଘୋଷ ରଥର ଅସ୍ତ୍ର ହେଲା ଶଙ୍ଖ ଏବଂ ଚକ୍ର । ଦ୍ୱାରପାଳ ହେଲା ଗରୁଡ ଏବଂ ନାଡିଘୋଷ ରଥରେ ଲାଗିଥିବା ପତାକାର ନାମ ହେଲା ତ୍ରୈଲୋକ୍ୟମୋହିନୀ । ଏଥିରେ ଘୋଡା ଗୁଡିକର ନାମ ହେଲା ଶଙ୍ଖ, ବାଳହକ, ଶ୍ୱେତ ଓ ହରଦଶ୍ୱ । ବଳ ଭଦ୍ରଙ୍କ ରଥର ନାମ ହେଲା ତାଳଧ୍ୱଜ ବା ହଳଧ୍ୱଜ, ଏହା ମାୟା ସୃଷ୍ଟି କରିଥିଲେ । ବଳଭଦ୍ରଙ୍କ ରଥ ରେ ୧୪ ଟି ଚକ ରହିଥାଏ ଏହି ରଥ ର ଉଚ୍ଚତା ୩୯ ଫୁଟ ୪ ଇଞ୍ଚ । ଏହି ରଥର ରଙ୍ଗ ହେଲା ସବୁଜ ଏବଂ ଲାଲ । ଏଥିରେ ଥିବା ଆୟୁଧ ହେଲା ହଲ ଆଉ ମୁଷଳ । ବଳଭଦ୍ରଙ୍କ ରଥର ସାରଥି ହେଲେ ମାତାଳି । ଶୁଭଦ୍ରାଙ୍କ ରଥର ନାମ ହେଲା ଦର୍ପଦଳନ ବା ଦେବଦଳନ । ସୁଭଦ୍ରାଙ୍କ ରଥକୁ କଳା ଏବଂ ଲାଲ ରଙ୍ଗରେ ସଜାଯାଇଥାଏ । ସୁଭଦ୍ରାଙ୍କ ରଥର ଉଚ୍ଚତା ୪୩ ଫୁଟ । ଏହି ରଥରେ ୧୨ ଟି ଚକ ଥାଏ । ଏହି ରଥରେ ଲାଗିଥିବା ବାନାର ନାମ ହେଲା ନାଦମ୍ବିକା । ଦର୍ପଦଳନ ରଥରେ ଲାଗିଥିବା ଘୋଡାର ରଙ୍ଗ ହେଲା ଲାଲ । ଏବଂ ଟଣା ଯାଉଥିବା ଦଉଡିର ନାମ ସ୍ୱର୍ଣ୍ଣ ଚୂଡା । ସାରଥି ହେଲେ ଅର୍ଜୁନ । ଏହି ରଥର ଦ୍ୱାର ରକ୍ଷୀ ହେଲେ ଗଙ୍ଗା ଯମୁନା ।

ଏହି ତିନି ଠାକୁର ରଥରେ ବସି ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି । ଗୁଣ୍ଡିଚା ମନ୍ଦିରକୁ ମାଉସି ମା ମନ୍ଦିର ମଧ୍ୟ କୁହାଯାଏ । ଏହି ତିନି ଠାକୁର ଓଡିଆ

ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ବର୍ତ୍ତମାନ ସୁଷମ ଖାଦ୍ୟ ଅଭାବ ତଥା ପ୍ରତିଟି କ୍ଷେତ୍ରର ଅନିୟମିତତା ଯୋଗୁଁ ବିପର୍ଯ୍ୟସ୍ତ ଜୀବନଚର୍ଯ୍ୟା ଉପୂନ ହୋଇ ରୋଗେର ଜନସାଧାରଣ ଆକ୍ରାନ୍ତ ହେଉଛନ୍ତି । ତେବ ଶ୍ରୀମନ୍ଦିରେର ପ୍ରତିଦିନ ଏକ ନିର୍ଦ୍ଧାରିତ ସମୟ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହେବା ସହ ଭୋଗ ମଣ୍ଡପ ସମ୍ପାଦନ ସନ୍ତୁଳିତ ଜୀବନ ପରିଚାଳନାର ବାର୍ତ୍ତା ପ୍ରଦାନ କରିଥାଏ । ସେହିପରି ଆନନ୍ଦ ବଜାରେର ଉପଲବ୍ଧ ମହାପ୍ରସାଦ, ଶୁଖିଲି ଭୋଗ, ବିଭିନ୍ନ ପିଠା, ମିଠା, ଫଳ ମୂଳ ଏବଂ ରାତ୍ର ପହଡ଼ ସମୟେର ଲାଗି ହେଉଥିବା ଦହି ପଖାଳ ଏକ ସୁଷମଖାଦ୍ୟର ବିବରଣୀ ପ୍ରଦାନ କରିଥାଏ ।

ଓଡିଶାର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ଉତ୍ତମ ବିନିଯୋଗ ପୂର୍ବକ ମନ୍ଦିରର ଗାତ୍ରେର ଖୋଦିତ ମୂର୍ତ୍ତି ଗୁଡିକ ମାନବ ଜୀବନର ସୁପରିଚାଳନା କିପରି କରାଯାଇ ପାରିବ ତାହା ସ୍ପଷ୍ଟ ରୂପେ ଚିତ୍ରଣ କରାଯାଇଛି । ଭାରତର ବିଶ୍ୱକୁ ଅନନ୍ୟ ଶ୍ରେଷ୍ଠ ଦାନ ହେଉଛି ଯୋଗ, ଯାହାକି ବ୍ୟକ୍ତିକୁ ଶାରିରୀକ ଓ ମାନସିକ ସ୍ତରେର ସୁସ୍ଥ ପ୍ରଦାନ କରିଥାଏ । ଜାତିସଂଘେର ଯେତେବେଳେ ଯୋଗ ଦିବସ ପାଇଁ ପ୍ରସ୍ତାବ ରଖାଯାଇଥିଲା, ଅକୁଣ୍ଠିତ ଭାବେ ବିଶ୍ୱର ଅନେକ ଦେଶ ସମର୍ଥନ କରିବା ସହ ପ୍ରତିବର୍ଷ ଜୁନ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ ରୂପେ ପାଳନ କରାଯାଉଛି । ତେବ ଏହି ଯୋଗ ଓ ବିଭିନ୍ନ ମୁଦ୍ରା ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନେର ଖୋଦିତ ହୋଇଛି।

ଶେଷରେ ଏତିକି କୁହାଯାଇପାରେ ବିଶ୍ୱର ପ୍ରତିଟି ଅସୁବିଧାର ସମାଧାନ ସୂତ୍ର ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱରେ ଅଛି । ଶ୍ରୀମନ୍ଦିର ହେଉ ଅବା ରଥର ଆକାର ହେଉଛି ଏକ ମନୁଷ୍ୟ ସଦୃଶ। ପ୍ରତିଟି ରୀତିନୀତି ହେଉ ଅବା ପର୍ବ ପର୍ବାଣୀ ବୈଜ୍ଞାନିକ ଓ ସାମାଜିକ ସିଦ୍ଧାନ୍ତ ଉପେର ପର୍ଯ୍ୟେବସିତ । ତେଣୁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରମାନେ ଯଦି ଜଗନ୍ନାଥଙ୍କ ତତ୍ତ୍ୱକୁ ଅନୁସରଣ କରିବେ ଯାହାକି ସମସ୍ତଙ୍କୁ ଏକତାର ସୂତ୍ରେର ବାନ୍ଧି ରଖିବାର ବାର୍ତ୍ତା ବହନ କେର , ତେବ ଆମ ପୃଥିବୀ ଖୁବ୍ ସୁନ୍ଦର ହୋଇପାରିବ।

ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ,
ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
ମୋ: ୮୨୬୦୩୫୬୧୧୩

ବୃନ୍ଦାବନବାସୀ ସାଧୁବାବାଙ୍କ ଅକାଳ ବିୟୋଗ

ନୀଳଗିରି , ୧୯/୦୬ (ନି.ପ୍ର): ଔପଦା ବ୍ଲକ ଅନ୍ତର୍ଗତ ପଂଚଲିଙ୍ଗେଶ୍ୱର ଶୈବପୀଠ ପରିଭ୍ରମଣ ରେ ବୃନ୍ଦାବନଧାମ ବ୍ରହ୍ମଚାରୀ ଅଜୟ କୁମାର ବ୍ରିଜବାସୀ ମହାରାଜ ଆସି ପରିବେଶ ବିତ୍ ମନୋରଂଜନ ଦାସ ଙ୍କ ବାସଭବନରେ ରହିଥିଲେ । ହଠାତ୍ ଆଜି ସକାଳେ ଛାତି ରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନୀଳଗିରି ଡାକ୍ତର ଖାନା କୁ ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ପରେ ପରେ ମନୋରଂଜନ ଦାସ ବାବା ଙ୍କ ମୋବାଇଲ ଫୋନର ହ୍ୱାଟସଅପ ଏବଂ ବାବାଙ୍କ ଫେସବୁକ ରେ ମୃତ୍ୟୁ ସମ୍ବନ୍ଧ ରେ ପୋଷ୍ଟ କରିବା ପରେ କିଛି ଭକ୍ତ ଖବର ପାଇଥିଲେ ଏବଂ ବାବାଙ୍କ ଅନ୍ତିମ ସଂସ୍କାର ପଂଚଲିଙ୍ଗେଶ୍ୱର ପାହାଡ ପାଦଦେଶରେ ନଳ ବାହାର ଗୌଡ଼ୀୟ ମଠରୁ ଆସିଥିବା ସାଧୁମାନଙ୍କ ନୀତିକାନ୍ତି ଦ୍ୱାରା ସମ୍ପନ୍ନ ହୋଇଥିଲା । ଉକ୍ତ ଅନ୍ତ୍ୟେଷ୍ଟିକ୍ରିୟା ରେ ମନୋରଂଜନ ଦାସ ଙ୍କ ସମେତ ସ୍ଥାନୀୟ ସରପଂଚ ପୁରସ୍ତମ ସେଠୀ, ସମାଜ ସେବି ଅମିତ୍ ବଳିଆର ସିଂ ଉପସ୍ଥିତ ହୋଇ ସହଯୋଗ କରିଥିବା ବେଳେ ହିନ୍ଦୁ ରୀତି ନିତୀ ଅନୁଯାୟୀ ଜୁଲାଇ ୧୫ ତାରିଖ ରେ ଶୁଦ୍ଧିକ୍ରିୟା ସମ୍ପାଦନ ହେବ ବୋଲି ଜଣାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ଆଜି.....

ଏତେ ଦିନ ପରେ ନିଜ ପ୍ରାଣର ଠାକୁରଙ୍କୁ ଟିକେ ମନ ପୂରାଇ ଦେଖିବାକୁ ଆଜି ଶ୍ରୀମନ୍ଦିରରେ ଲାଗିଥିଲା ଭକ୍ତଙ୍କ ଭିଡ଼ । ଦେଖନ୍ତୁ ଏହି ବୃଦ୍ଧା ଜଣଙ୍କୁ । ଚମ ଧୁଡୁଧୁଡୁ ହୋଇଗଲାଣି । ଚାଲିବାକୁ ଶକ୍ତି ନାହିଁ । ତଥାପି ନିଜ ପ୍ରିୟର ଠାକୁରଙ୍କୁ ଟିକେ ମନଭରି ଦେଖିବାକୁ ଅଥୟ ହେଉଛି ମନ । ଆଉ ତାଙ୍କୁ ଜଣେ ପୋଲିସ ଭାଇ କୋଳରେ ଉଠାଇ ନେଉଛନ୍ତି ମହାପ୍ରଭୁଙ୍କ ଦର୍ଶନ କରାଇବା ପାଇଁ । କାହିଁ କେତେ ଦୂରରୁ ଶ୍ରୀକ୍ଷେତ୍ରକୁ ଛୁଟି ଆସିଛନ୍ତି ଭକ୍ତ । ଆଜି ସକାଳ ୮ଟାରୁ ୯ଟା ପରମାଣିକ ଦର୍ଶନ ଓ ୯ଟାରୁ ୧୧ଟା ସାହଣମେଲା ଦର୍ଶନ କରିଥିଲେ ଭକ୍ତ । ଆସନ୍ତାକାଲିର ଶ୍ରୀଗୁଣ୍ଡିଚା ନୀତିକାନ୍ତି ପାଇଁ ଦିନ ୧୧ଟା ପରେ ବନ୍ଦ ହୋଇଯାଇଥିଲା ସାଧାରଣ ଦର୍ଶନ । ଅନେକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିପାରିନାହାନ୍ତି । ହେଲେ ମନରେ ଦୁଃଖ ନାହିଁ । କାହିଁକି ନା' ଆସନ୍ତାକାଲି ସକାଳୁ ଭକ୍ତଙ୍କ ଗହଣକୁ ଓହ୍ଲାଇ ଆସିବେ କାଳିଆ ସାଆନ୍ତ । ବଡ଼ ଠାକୁର ବଳଭଦ୍ର । ଦେବୀ ସୁଭଦ୍ରା । ପ୍ରଭୁ ସୁଦର୍ଶନ । ବଡ଼ଦାଣ୍ଡରେ ହେବ ଭକ୍ତ-ଭଗବାନଙ୍କ ଅପୂର୍ବ ମିଳନ । ଶ୍ରୀମନ୍ଦିରରୁ ପୂଜାପଣ୍ଡା, ସାମନ୍ତମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ରଥଖଳାକୁ ଆସିଥିଲେ । ତିନି ରଥରେ ଆଜ୍ଞାମାଳ ଲାଗି ହୋଇଥିଲା । ଏହା ପରେ ତିନି ରଥକୁ ସିଂହଦ୍ୱାର ଅଭିମୁଖେ ଟଣାଯାଇଥିଲା । ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ଗଗନ ପବନ । ସୁରକ୍ଷା କର୍ମୀମାନେ ତିନି ରଥକୁ ସିଂହଦ୍ୱାରକୁ ଟାଣି ନେଇଥିଲେ । ଖୋଳତାଳ ସଂକୀର୍ତ୍ତନରେ ଉଛୁଳି ଥିଲା ବଡ଼ଦାଣ୍ଡ । ଇଏ ହେଉଛି ସେହି ସମୟର ଦୃଶ୍ୟ । ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଟଣାଯାଇଥିଲା । ପରେ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ସିଂହଦ୍ୱାର ସମ୍ମୁଖକୁ ନିଆଯାଇଥିଲା । ଏବେ ସିଂହଦ୍ୱାର ସମ୍ମୁଖରେ ତିନି ରଥ ପ୍ରସ୍ତୁତ ହୋଇ ରହିଛନ୍ତି । ଆସନ୍ତାକାଲି ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି । ସକାଳ ୬ଟାରେ ମଙ୍ଗଳ ଆଳତି । ସକାଳ ୮ଟାରୁ ୯ଟା ଭିତରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ । ୯ଟାରେ ରଥ ପ୍ରତିଷ୍ଠା । ସକାଳ ୯ଟା ୩୦ରେ ଠାକୁରଙ୍କ ପହଣ୍ଡି ଆରମ୍ଭ ହେବ । ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧ ସରିବ ପହଣ୍ଡି । ୨ଟା ୩୦ରୁ ୩ଟା ୩୦ ଭିତରେ ତିନି ରଥରେ ଛେରା ପହଁରା କରିବେ ଗଜପତି ମହାରାଜ । ଅପରାହ୍ନ ୪ଟାରେ ହେବ ରଥ ଟଣା । ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ନବ ଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା କରିବେ ମହାପ୍ରଭୁ ଜଗନ୍ନାଥ । ମହାପ୍ରଭୁଙ୍କ ମାନବୀୟଲୀଳା ଦେଖିବ ସାରା ବ୍ରହ୍ମାଣ୍ଡ ।

ମତ୍ସ୍ୟଜୀବୀଙ୍କ ଜାଲରେ ପଡିଲା ବାଗାରିୟସ ମାଛ

ମାଲକାନଗିରି, ୧୯/୦୬ (ନି.ପ୍ର): ମାଲକାନଗିରି ଭଳି ଏକ ଉପାନ୍ତ ଅଂଚଳରେ ଏକ ବିରାଟକାୟ ମାଛ ଆଦିବାସୀ ମତ୍ସ୍ୟଜୀବୀମାନେ ଧରିଥିବା ଦେଖିବାକୁ ମିଳିଛି । ଏହାକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଲାଗିଛି । ମାଥିଲି ଥାନା ଅନ୍ତର୍ଗତ କିଆଙ୍ଗ ନିକଟ ସାବେରୀ ନଦୀକୁ ସ୍ଥାନୀୟ ଆଦିବାସୀ ମତ୍ସ୍ୟଜୀବୀମାନେ ମାଛ ଧରିବାକୁ ଯାଇଥିବା ବେଳେ ଜାଲରେ ଏହି ବିରାଟକାୟ ମାଛଟି ପଡ଼ିଥିଲା । ମତ୍ସ୍ୟଜୀବୀମାନେ ଏହା ଏକ ତିମି ଭାବି ଭୟଭୀତ ହୋଇଯାଇଥିଲେ । ପରେ ସ୍ଥାନୀୟ ଗ୍ରମବାସୀଙ୍କ ସହଯୋଗରେ ଜାଲ ଚାରିପଟୁ ମାଟିକୁ ମିଶାଇ କୌଶଳ କ୍ରମେ ମାଛକୁ ଧରିବାରେ ସଫଳ ହୋଇଥିଲେ । ଏହାର ଓଜନ ୭୦ କେଜିରୁ ଅଧିକ ବୋଲି ଜଣାପଡ଼ିଛି ।

ତଳଗୋପବିନ୍ଧା ପଞ୍ଚାୟତବାସୀଙ୍କ ମୌଳିକ ସୁବିଧା ପ୍ରସଙ୍ଗ: ଜାତୀୟ ମାନବାଧିକାର ଆୟୋଗଙ୍କ କଡ଼ା ତାଗିଦ୍

ଭଦ୍ରକ, ୧୯/୦୬ (ନି.ପ୍ର): ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏକ ନୂତନ ପଞ୍ଚାୟତର ମାନ୍ୟତା ପାଇଥିଲେ ମଧ୍ୟ ତଳଗୋପବିନ୍ଧା ଗ୍ରାମ ପଞ୍ଚାୟତବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ସରକାର ଏ ପର୍ଯ୍ୟନ୍ତ ସକ୍ଷମ ହୋଇ ପାରିନାହାନ୍ତି । ଏ ସମ୍ପର୍କରେ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ସବୁ ସମସ୍ୟାର ସ୍ଥାୟୀ ପ୍ରତିକାର କରିବାରେ ପ୍ରଶାସନିକ ଉଦାସୀନତା ଏବଂ ସରକାରଙ୍କ କାଳକ୍ଷେପଣ ନୀତି ଲାଗି ରହିଛି । ଉକ୍ତ ପଞ୍ଚାୟତର ଅଧିବାସୀ ମାନବାଧିକାର କର୍ମୀ ତଥା ସୁପ୍ରିମ୍ କୋର୍ଟର ଆଇନଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଆଗତ ପଟିସିନକୁ ମାନ୍ୟବର ଆୟୋଗ ବିଚାର କରି ନିର୍ଦ୍ଦେଶନାମା ଜାରି କରି ଚାଲିଛନ୍ତି । ୨୦୧୧ ମସିହା ପରଠାରୁ ତାଙ୍କ ଦ୍ୱାରା ଆଗତ ରିଟ୍ ପିଟିସନ୍‌ରେ ମାନ୍ୟବର ଆୟୋଗଙ୍କ ଦ୍ୱାରା ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ତାହା ଆଧାରରେ ଜିଲ୍ଲା ପ୍ରଶାସନ କିଛିକିଛି ପଦକ୍ଷେପ ନେଇଛନ୍ତି । ଗତ ୨୦୧୮ ମସିହାରେ ତାଙ୍କ ଦ୍ୱାରା ଆଗତ ହୋଇଥିବା କେଶ୍ ନଂ-୧୧୯୪/୧୮/୧୮/୨୦୧୮ର ନିର୍ଦ୍ଦେଶ ଆଧାରରେ ବିପଦ ଶଂକୁଳ ଧୋବାଗଣ୍ଡର ମରାମତି କାର୍ଯ୍ୟ ଅଧାରୁ ଅଧିକ କରାଯାଇଥିବା ବେଳେ ନରସିଂହପୁର ମାତଗଜପୁର ରାସ୍ତାରେ ନାଲି ମାଟି କେବଳ ପକାଯାଇ ସେମିତି ଛାଡ଼ି ଦିଆଯାଇଛି । ରାଜୁଆଳି ପ୍ରାଥମିକ ବିଦ୍ୟାଳୟଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ପକ୍କା ରାସ୍ତା କରାଯାଇଛଇ । ନାଳିଆ ଛକ ମଳିକ ସାହି ପର୍ଯ୍ୟନ୍ତ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ଫୁଲପଦା ପ୍ରାଥମିକ ବିଦ୍ୟାଳୟକୁ ଐଶାନ୍ୟଚଣ୍ଡୀ ପ୍ରାଥମିକ ବିଦ୍ୟାଳୟ ସହିତ ସମ୍ମିଶ୍ରଣକୁ ସାମୟିକ ଭାବେ ରୋକାଯାଇଛି । ତା'ଛଡା ତାଙ୍କ ଦ୍ୱାରା ଆଗତ ଅନ୍ୟାନ୍ୟ ଅଭିଯୋଗ ଉପରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଚାଲୁଥିବା କଥା ଭଦ୍ରକ ଜିଲ୍ଲାପାଳ ମାନ୍ୟବର ଆୟୋଗ ନିକଟରେ ଉପସ୍ଥାପନ କରିଥିଲେ । ଉକ୍ତ ରିପୋର୍ଟକୁ ବିଶ୍ୱାସ କରି ମାନ୍ୟବର ଆୟୋଗ ମାମଲାଟିକୁ ବନ୍ଦ କରିଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଆଶାନୁରୂପ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଅଭାବରେ ତ୍ରିପାଠୀ ପୁନର୍ବାର ମାନ୍ୟବର ଆୟୋଗକୁ ଦ୍ୱାରା କେଶ୍ ନଂ- ୪୪୧୩/୧୮/୧୮/୨୦୨୨ ଦାୟର କରାଇ ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି । ସଠିକ୍ ସମୟରେ ଉପଯୁକ୍ତ ଉତ୍ତର ଦେବାରେ ପ୍ରଶାସନ ବିଫଳ ହେବାରୁ ମାନ୍ୟବର ଆୟୋଗ ଜିଲ୍ଲା ପ୍ରଶାସନକୁ କଡ଼ା ତାଗିଦ୍ କରିଥିଲେ । ଇତିମଧ୍ୟରେ ଧୋବାଗଣ୍ଡର ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହିତ ତଳଗୋପବିନ୍ଧା ପଞ୍ଚାୟତକୁ ଗାଁ ଗାଡ଼ି ଚଳାଇବାର ଯୋଜନା ମଧ୍ୟ ହୋଇଛି । ମାତ୍ର ଦୀର୍ଘ ଦିନର ପ୍ରଚେଷ୍ଟା ସତ୍ତ୍ୱେ 'ମା' 'ଐଶାନ୍ୟଚଣ୍ଡୀ' ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ଏ ପର୍ଯ୍ୟନ୍ତ ହୋଇନାହିଁ । ମାତଗଜପୁର ତିଆଡିସାହି ଠାରେ ନୂତନ ପୋଳ ନିର୍ମାଣ, କୂଳବନ୍ଧର ସୁଦୃଢୀକରଣ, ମାଟି ରାସ୍ତାର କଂକ୍ରିଟ କରଣ, ଫୁଲପଦା ବିଦ୍ୟାଳୟର ସ୍ଥାୟୀ ପ୍ରତିକାର, ଏ.ଏନ୍.ଏମ୍. ସେଣ୍ଟର ପ୍ରତିଷ୍ଠା, ରାଜୁଆଳିବିନ୍ଧା ସ୍ଲୁଇସ୍ ଗେଟ୍ ଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଥିବା ରାସ୍ତାର ସୁଦୃଢୀକରଣ ସହିତ ପକ୍କା କରିବା ଆଦି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ଏ ପର୍ଯ୍ୟନ୍ତ ପ୍ରଶାସନ ସଫଳ ହୋଇନାହିଁ । ପୂର୍ବତନ ଜିଲ୍ଲାପାଳ ଜ୍ଞାନ ଦାସଙ୍କ ସମୟରେ ବାରିକ୍‌ପୁର ନିକଟସ୍ଥ ଏକ ଅଞ୍ଚଳକୁ ଶିଶୁ ଉଦ୍ୟାନ ପାଇଁ ଚିହ୍ନଟ ହୋଇଥିଲେ ମଧ୍ୟ ତାହା ତାହା ଏ ପର୍ଯ୍ୟନ୍ତ ବାସ୍ତବ ରୂପରେଖ ନେଇ ପାରିନାହିଁ । ଏବେ ପ୍ରଶ୍ନ ଉଠୁଛି ତଳଗୋପବିନ୍ଧାବାସୀଙ୍କୁ ସୁବଦିନ ତଳେ ରଖିବା ପାଇଁ ସରକାରୀ ନିଷ୍କ୍ରିୟତା ଦାୟୀ ନୁହେଁ କି ?

ଫକୀରମୋହନ ଗୋଲାଇରେ ପ୍ରିମିୟମ ମଦ ଦୋକାନ ଖୋଲିବା ଯୋଜନାକୁ 'ମନା'ର ବିରୋଧ

ବାଲେଶ୍ୱର, ୧୯/୦୬ (ନି.ପ୍ର): ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ବାଲେଶ୍ୱର ସହର । ଏହାର ନାଭିକନ୍ଦ୍ର ଫକୀରମୋହନ ଗୋଲାଇ । ଏଠାରେ ଓଡ଼ିଆ ଜାତିର ଅସ୍ମିତା ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଦଣ୍ଡାୟମାନ । ଖୁବ୍ ନିକଟରେ ମିଶନ ବାଳିକା ଉଚ୍ଚ ବିଦ୍ୟାଳୟ, ଉ.ପ୍ରା.ବିଦ୍ୟାଳୟ, ମନ୍ଦିର ଓ ବ୍ୟାଙ୍କମାନ ଅବସ୍ଥିତ । ଫକୀରମୋହନ ସେନାପତି ୧୧୦ବର୍ଷ ତଳେ 'ପେଟେଣ୍ଟ ମେଡ଼ିସିନ' ଗଳ୍ପ ଲେଖି ନିଶା ବିରୋଧରେ ସ୍ୱର ଉତ୍ତୋଳନନ କରିଥିଲେ । ଏଭଳି ଏକ ସମ୍ବେଦନଶୀଳ ଓ ପବିତ୍ର ସ୍ଥଳରେ ପ୍ରିମିୟମ ମଦ ଦୋକାନ ଖୋଲିବାକୁ ସରକାର ଯୋଜନା କରୁଥିବା ଆଇନ ଦୃଷ୍ଟିରୁ କେତେଦୂର ଗ୍ରହଣୀୟ ଓ ବିବେଚନାଯୋଗ୍ୟ ତାହା ଜିଲ୍ଲା ପ୍ରଶାସନ ବିଚାରକୁ ନେଇ ନଥିବାରୁ 'ମନା'ର ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବୈଠକର ନିଷ୍ପତ୍ତି ଅନୁସାରେ ତା୧୯।୬ରେ ଫକୀର ମୋହନଙ୍କ ପ୍ରତିମୂର୍ତ୍ତିଠାରେ 'ମନା' ପକ୍ଷରୁ ପ୍ରତିବାଦ କରାଯାଇ ପରେ ଜିଲ୍ଲାପାଳଙ୍କୁ ଏହି ଯୋଜନାରୁ ନିବୃତ୍ତରହିବାକୁ ପ୍ରତିନିଧି ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ବାଲେଶ୍ୱର ପୌରାଧ୍ୟକ୍ଷା ଓ କାଉନସିଲର ମଧ୍ୟ ବିରୋଧ କରି ଦାବିପତ୍ର ପ୍ରଦାନ କରିଛନ୍ତି । 'ମନା'ର ପ୍ରତିନିଧି ଦଳରେ ସଭାପତି ପ୍ରଭାକର ସାହୁ, ସାଧାରଣ ସଂପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର ଓ ଡ.କେଶବ ଚରଣ ପଣ୍ଡା, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ଓ ଅର୍ଚ୍ଚନା ନନ୍ଦୀ, ଗୌରାଙ୍ଗ ପାଣିଗ୍ରାହୀ, ଗୀତାଞ୍ଜଳି ସିଂହ, କ୍ରୀଷ୍ଣା ସାହା, ଡ.ଶିରୀଶ ଚନ୍ଦ୍ର ଜେନା, ଶଶିରଞ୍ଜନ ମଲିକ, ନିରଞ୍ଜନ ପରିଡ଼ା, ବିଜୟ ଦାସଅଧିକାରୀ, ରବିନାରାୟଣ ଭୋଳ, ରମେଶଚନ୍ଦ୍ର ଜେନା ଓ ସନାତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନମ୍ବର **EL-CON-KGP-JER-BLS-୨୩-୦୫**, ତାରିଖ ୧୬.୦୬.୨୦୨୩। ଇ-ଟେଣ୍ଡରକୁ ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ (କନ୍), ଦକ୍ଷିଣପୂର୍ବ ରେଲୱେ, ଖଡ଼ଗପୁର ଏବଂ ଫୋଲୋ ୱିଙ୍ଗ୍ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଆମନ୍ତ୍ରଣ କରାଯାଇଛି। ନିମ୍ନଲିଖିତ ଟେଣ୍ଡର ୱେବସାଇଟ୍ **www.ireps.gov.in** ରେ ଲୋଡ୍ ହୋଇଛି। ଇ-ଟେଣ୍ଡର ୧୨.୦୦ ଘଣ୍ଟାରେ ବନ୍ଦ ରହିବ ଧାର୍ଯ୍ୟ ତାରିଖରେ ।

କାର୍ଯ୍ୟଗୁଡ଼ିକର ସଂକ୍ଷିପ୍ତ ବର୍ଣ୍ଣନା: **୨୫KV OHE** ର ସନ୍ତୁଳନ କାର୍ଯ୍ୟର ଯୋଗାଣ, ନିର୍ମାଣ, ପରୀକ୍ଷା ଏବଂ କମିଶନ ସହିତ ଜଲେଶ୍ୱର (ଇନ୍) ରୁ ରାଜଘାଟ (ଇନ୍) ଏବଂ ରୁପ୍ସା ଜେନ୍ (ଇନ୍) ବାଲେଶ୍ୱର (ଏକ୍ସ) ପର୍ଯ୍ୟନ୍ତ କାର୍ଯ୍ୟ ସହିତ ଖଡ଼ଗପୁର ଡିଭିଜନରେ ନାରାୟଣଗଡ ଏବଂ ଭଦ୍ରକ ମଧ୍ୟରେ ତୃତୀୟ ଲାଇନ ।

ମୂଲ୍ୟ: ୯,୨୯,୨୮,୦୯୪.୩୫ **EMD:** ୬,୧୪,୭୦୦ / -। ସମାପ୍ତି ଅବଧି: ୧୮ (ଅଷ୍ଟାଦଶ) ମାସ । ଧାର୍ଯ୍ୟ ତାରିଖ: ୧୦.୦୭.୨୦୨୩। ଇଚ୍ଛୁକ ଟେଣ୍ଡରକାରୀମାନେ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ । ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରନ୍ତୁ । କୌଣସି କ୍ଷେତ୍ରରେ ଏହି ଆଇଟମଗୁଡିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **NB:** ଆଶାକର୍ମୀ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ **www.ireps.gov.in** ପରିଦର୍ଶନ କରିପାରିବେ।

(PR-304)

ନେହେରୁ ସଂଗ୍ରହାଳୟ ନାମ ପରିବର୍ତ୍ତନ ଏକ ହୀନମନ୍ୟତା

ଭୁବନେଶ୍ୱର, ୧୯/୦୬ (ନି.ପ୍ର): ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ ତାଙ୍କର ସରକାରୀ ବାସଭବନ ରୂପେ ପରିଚିତ ତ୍ରିମୂର୍ତ୍ତୀ ଭବନକୁ ଜାତି ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ । ପରବର୍ତ୍ତୀ କାଳରେ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଭବନକୁ ନେହେରୁ ସଂଗ୍ରହାଳୟ ଏବଂ ଲାଇବ୍ରେରୀ ସମିତି ଭାବେ ଘୋଷଣା କରାଯାଇଥିଲା । ଏବେ ପ୍ରଧାମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ନେହେରୁ ସଂଗ୍ରହାଳୟର ନାମ ବଦଳାଇ ପ୍ରଧାନମନ୍ତ୍ରୀ ସଂଗ୍ରାହାଳୟ କରିଛନ୍ତି । ଏହା ଅତ୍ୟନ୍ତ ଦୁଃଖଦ ଓ ହୀନମନ୍ୟତାର ପରିଚାୟକ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ନେହେରୁ, ପଟେଲ୍, ଲୋହିଆ ଏବଂ ଆଚାର୍ଯ୍ୟ କୃପାଳିନ

ମଙ୍ଗଳବାର, ଜୁନ୍ ୨୦, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ପରିଚାଳନା କମିଟି ପରିବର୍ତ୍ତନ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଅନଶନ

ଲଙ୍ଗଳେଶ୍ୱର, ୧୯/୬(ନି ପ୍ର): ବାଲିଆପାଳ ଶାରୀରିକ ଶିକ୍ଷା କଲେଜ ପରିଚାଳନା କମିଟି ପରିବର୍ତ୍ତନ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଜଣେ ସାମାଜିକ କର୍ମୀ ଗୋପାଳ ଚନ୍ଦ୍ର ସାହୁ ଆଜି କଲେଜ ଫାଟକ ଆଗରେ ଅନଶନରେ ବସି ଥିଲେ।ତେବେ ସ୍ଥାନୀୟ ତହସିଲଦାର ଦୀପକ କୁମାର ଦାଶ ସମସ୍ତ କଥା ବୁଝିବେ ବୋଲି ପ୍ରତିଶ୍ରୁତି ଦେବା ପରେ ସେ ଅନଶନରୁ ଉଠିଯାଇଥିଲେ।ଗତ ମାସ ୩୧ ତାରିଖ ଦିନ ସରକାରଙ୍କ କ୍ରୀଡା ଓ ଯୁବ ସେବା ବ୍ୟାପାର ସଚିବ ଏକ ମାମଲାର ଶୁଣାଣି କରି ପୁରୁଣା ପରିଚାଳନା କମିଟିକୁ ଭାଙ୍ଗି ନୂଆ ପରିଚାଳନା କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ।ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସ୍ୱତନ୍ତ୍ର ଅଧିକାରୀ ଭାବେ ଦାୟିତ୍ୱରେ ରହିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।ପୂର୍ବରୁ ଉଚ୍ଚ ନ୍ୟାୟାଳୟ ମଧ୍ୟ ଏ ବାବଦରେ ନିର୍ଦ୍ଦେଶ ଦେଇଥିଲେ।ପ୍ରକାଶ ଥାଉ କି ପରିଚାଳନା କମିଟି ଦୀର୍ଘ ବର୍ଷ ଧରି ବେଆଇନ ଭାବେ କାର୍ଯ୍ୟ କରି ଆସୁଛି।ଉନ୍ନୟନ ନାମ ରେ ଅର୍ଥ ହେର ଫେର ହୋଇ ଥିବା ଅଭିଯୋଗ ହୋଇ ଥିଲା।ତେବେ ଏ ବାବଦରେ କଲେଜର ଜଣେ ଅଧିକାରୀ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ରେ ଏକ ରିଭ୍ୟୁ ପିଟିସନ ମୂଳେ ପୂର୍ବ କମିଟି ଏବେ ବଳବତ୍ତର ରହିଛି ବୋଲି ପ୍ରକାଶ କରିଛନ୍ତି।

ଶିମିଳିପାଳ ସୁରକ୍ଷା ପ୍ରସଙ୍ଗ: ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାରିପଦା, ୧୯/୦୬ (ନି.ପ୍ର): ଏକ ମାସ ମଧ୍ୟରେ ୨ଜଣ ବନ କର୍ମଚାରି ଶିକାରୀ ଗୁଳିରେ ଶହିଦ ହେବା ପରେ ରକ୍ତ ରଞ୍ଜିତ ହୋଇଥିବା ଶିମିଳିପାଳର ପୂର୍ବ ଗୌରବ ଫେରାଇଆଣିବା ଲକ୍ଷ୍ୟରେ ଆଜି ଯଶିପୁର ଗସ୍ତରେ ଆସିଥିବା ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଭେଟି ଭଞ୍ଜସେନା ପକ୍ଷରୁ ପାଞ୍ଚପିଢ଼ି ଉପଖଣ୍ଡ ଶାଖା ସଭାପତି ଦକ୍ଷିଣା ମହାନ୍ତ, ଯୁବ ସଂଗଠକ ମାଇକେଲ ମହାନ୍ତ, ଯଯାତି ସାହୁ, ଦଇତାରୀ ମହାନ୍ତ, କାବୁଲୁ ସାମାଡ଼ ପ୍ରମୁଖ ଏକ ଆଠ ଦଫା ଦାବୀ ସମ୍ବଳିତ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଦାବୀ ଗୁଡିକ ମଧ୍ୟରେ ଶିମିଳିପାଳ ଅଭୟାରଣ୍ୟ କୁ ଜନ ବସତି ଶୂନ୍ୟ କରି ବିସ୍ଥାପିତଙ୍କୁ ଥଇଥାନ କରାଯିବା, ସ୍ୱତନ୍ତ୍ର ସୁରକ୍ଷା ବାହିନୀ ମାଧ୍ୟମରେ ଶିମିଳିପାଳକୁ ସୁରକ୍ଷା ପ୍ରଦାନ କରାଯିବା, ସୁରକ୍ଷା ଦୃଷ୍ଟିରୁ ରିସର୍ଟ ଗୁଡିକୁ ବନ୍ଦ କରାଯିବା, ଖାଲି ପଡିଥିବା ପଦବୀରେ ତୁରନ୍ତ ନିଯୁକ୍ତି ଦେବା, ଶିମିଳିପାଳ ଅଭୟାରଣ୍ୟ ର ପାଦଦେଶରେ ଥିବା ଗ୍ରାମଗୁଡିକରୁ ବରିଷ୍ଠ ତଥା ଅଭିଜ୍ଞ ଲୋକଙ୍କୁ ନେଇ ଶିମିଳିପାଳ ସୁରକ୍ଷା ସଚେତନତା କମିଟି ଗଠନ କରାଯିବା, ଶିମିଳିପାଳ ସୁରକ୍ଷା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ନିୟମିତ ଜଙ୍ଗଲ ପରିଭ୍ରମଣ କରିବା ପାଇଁ ଆଦେଶ ପ୍ରଦାନ କରାଯିବା ଭଳି ଦାବୀ ଗୁଡିକ କରାଯାଇଛି. ଯଦି ଆଗାମୀ ପନ୍ଦର ଦିନ ମଧ୍ୟରେ ଦାବୀ ଗୁଡିକୁ ପୂରଣ କରିବା ସକାଶେ ସରକାର ତତ୍ପରତା ପ୍ରକାଶ ନକରନ୍ତି, ତେବେ ଆସନ୍ତା ଜୁଲାଇ ୬ ତାରିଖ ଦିନ ୧୨ଘଣ୍ଟିଆ ମୟୁରଭଞ୍ଜ ବନ୍ଦ କରାଯିବ ବୋଲି ସଂଗଠନ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜଣାଇଛନ୍ତି।

ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା ଓ ଡା. ମହେଶ ବିଶ୍ୱାଳଙ୍କ ସ୍ମୃତି ସଭା

ନୀଳଗିରି , ୧୯/୦୬ (ନି.ପ୍ର): ବାହାନଗା ରେଳ ଦୂର୍ଘଟଣାରେ ଆହତଂକ ପାଇଁ ନୀଳଗିରି ରକ୍ତ କେନ୍ଦ୍ରରେ ରକ୍ତ ଦାନ କରିଥିବା ରକ୍ତ ଦାତା ଓ ରକ୍ତଦାନ ଶିବିର ଆୟୋଜକ ମାନଂକୁ ସମ୍ବର୍ଦ୍ଧନା ଜ୍ଞାପନ ଓବଂ ରକ୍ତଦାନ ଅନ୍ଦୋଳନର ମହାନ ପ୍ରେରଣା ଦାତା ଦିବଂଗତ ଡା. ମହେଶ କୁମାର ବିଶ୍ୱାଳଂକୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି ।ଆଜି ନୀଳଗିରି ରକ୍ତକେନ୍ଦ୍ର ସମ୍ମିଳନୀ କକ୍ଷରେ ଉପଖଣ୍ଡ ରକ୍ତଦାତା ସଂଘ ଆନୁକୂଲ୍ୟରେ ଆୟୋଜିତ ସଭାରେ ସଂଘର ସଭାପତି ଗୋପାଳ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ପ୍ରାରମ୍ଭରେ ରେଳ ଦୂର୍ଘଟଣାରେ ମୃତ ଯାତ୍ରୀ, ପରଲୋକଗତ ଡା. ବିଶ୍ୱାଳ ଓ ଦେହାନ୍ତ ହୋଇଥିବା ରକ୍ତଦାତା, ସଂଗଠକମାନଂକ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ପଣ୍ଡିତ ସୂର୍ଯ୍ୟନାରାୟଣ ଷଡଂଗୀ ବେଦ ମନ୍ତ୍ର ପାଠ କରିଥିଲେ ।ଏହି ସଭାରେ ନୀଳଗିରି ଉପ ଜିଲ୍ଲାପାଳ ମନ୍ଦରଧର ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତା

ସଂଘର ପ୍ରୟାସକୁ ଧନ୍ୟବାଦ ଦେବା ସହିତ ଦିବଂଗତ ଡା. ବିଶ୍ୱାଳ, ରେଳ ଦୂର୍ଘଟଣାରେ ମୃତ ଯାତ୍ରୀଂକ ପ୍ରତି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ । ରକ୍ତଦାତା ସଂଘର ଜିଲ୍ଲା ସଭାପତି କମଲ ଚକ୍ରବର୍ତ୍ତୀ, ସାଧାରଣ ସଂପାଦକ ଇଂ ଡଃ ହୃଷିକେଶ ସାହୁ, ଉପସଭାପତି ଲକ୍ଷ୍ମୀଧର ବାରିକ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସରୋଜିନୀ ପ୍ରଧାନ,ରକ୍ତ କେନ୍ଦ୍ର ଅଧିକାରୀ ଡା. ତ୍ରିନାଥ ପାଲ, ଉପଖଣ୍ଡ ରକ୍ତଦାତା ସଂଘର ସଂପାଦକ ବିଜୟ ପାତ୍ର,ବରିଷ୍ଠ ଉପଦେଷ୍ଟା ରବି ରାଉତ ପ୍ରମୁଖ ଦିବଂଗତ ଡା. ବିଶ୍ୱାଳଂକର ସ୍ମୃତିଚାରଣ କରି ତାଂକ ତତ୍ତ୍ୱାବଧାନରେ ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତ ବିଭାଗୀକରଣ ୟୁନିଟ ସ୍ଥାପନ କରାଯାଇଛି ବୋଲି କହିଥିଲେ ।ସବୁ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜକଂକ ପାଇଁ ସେ ଥିଲେ ଅଫୁରନ୍ତ ପ୍ରେରଣାର ଉତ୍ସ । ତାଂକ ବିୟୋଗ ରକ୍ତ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରି ତାଂକ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ଗତ ବର୍ଷକ ମଧ୍ୟରେ ପରଲୋକଗତ ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜକମାନଂକ ପ୍ରତି ସଭାରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ବାହାନଗା ରେଳ ଦୂର୍ଘଟଣାରେ ଆହତ ଯାତ୍ରୀଂକ ଚିକିତ୍ସାପାଇଁ ସଂଘର ନିବେଦନ କ୍ରମେ ନୀଳଗିରି ରକ୍ତକେନ୍ଦ୍ରରେ ରକ୍ତଦାନ କରିଥିବା ୧୫୬ ଜଣ ରକ୍ତଦାତାଂକୁ ମୁଖ୍ୟ ଅତିଥି ଉପ ଜିଲ୍ଲାପାଳ ଶ୍ରୀ ମହାଳିକ ଓ ଅନ୍ୟ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ନୀଳଗିରି ରକ୍ତକେନ୍ଦ୍ର ପାଇଁ ରକ୍ତଦାନ ଶିବିର ଆୟୋଜନ କରିଥିବା ସଂଗଠକ ଜୀବନ ବିନ୍ଦୁ, ଆମ ଓଡିଶା, ,ଶିଶିର ମହାପାତ୍ର ଫାଉଣ୍ଡେସନ, , ଫିଆଟ ଲକ୍ସ ପ୍ରଭୃତି ସଂଗଠନର କର୍ମକର୍ତ୍ତା,ବରିଷ୍ଠ ସାମ୍ବାଦିକ ଅଶେଷ ସ,ସଂଗଠକ ତପସ୍ୱିନୀ ପଣ୍ଡା,ଭଗବାନ ମହାନ୍ତି ରକ୍ତ କେନ୍ଦ୍ର ଅଧିକାରୀ, କର୍ମଚାରୀଂକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଶାଶ୍ୱତଙ୍କ ସଫଳତା

ଉଦଳା, ୧୯/୦୬ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଜେ.ଏସ୍.ଜାମଡ଼ିହା ପଂଚାୟତର ବାସିନ୍ଦା ସୁନାମଧନ୍ୟ ସାରସ୍ୱତ ସାଧକ ପ୍ରଫୁଲ୍ଲ କୁମାର ଖିଲାର ଓ ମାତା ବିନୋଦିନି ଦଲେଇଙ୍କ ପୁତ୍ର

ଶାଶ୍ୱତ ଚଳିତ ବର୍ଷ ନିଟ ପରୀକ୍ଷାରେ ୬୪୯ ନମ୍ବର ରଖି ଡ଼ାକ୍ତରୀ ପାଠ ପଢ଼ିବାର ସଫଳତା ପ୍ରାପ୍ତ ହୋଇଛନ୍ତି । ସେହିପରି ସେ ଆଇ.ଏ.ସି. ପରୀକ୍ଷାରେ ଶତକଡ଼ା ୯୬.୬୭ ନମ୍ବର ରଖି ପାସ କରିଥିବା ବେଳେ ଉଦଳା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରୁ ମ୍ୟାଟ୍ରିକରେ ୯୪.୩୩ ନମ୍ବର ରଖି ପାସ କରିଥିଲେ । ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନରୁ ସେ ସମ୍ବର୍ଦ୍ଧିତ ହୋଇଥିବାର ଜଣାଯାଇଛି ।

ଗୋରୁ ବୋଝେଇ ଟ୍ରକ୍ ଜବତ

ଭୁବନେଶ୍ୱର, ୧୯/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଥାନା ଗତ କାଲି ରାତିରେ ଏକ ଗୋରୁ ବୋଝେଇ ଟ୍ରକ୍ ଜବତ ହୋଇଥିବା ଜଣା ପଡିଛି। ତେବେ ଟ୍ରକର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଛି ।

ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ

ବସ୍ତା , ୧୯/୦୬ (ନି.ପ୍ର): ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ, ଆଚାର୍ଯ୍ୟ ବିଜୟ ଜୀ ଙ୍କ ସଭାପତିତ୍ୱରେ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାର ଙ୍କ ପୂର୍ବତନ ଅର୍ଥ ପରାମର୍ଶ ଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀଯୁକ୍ତ ଛୋଟରାୟ ମୁର୍ମୁ , ମୁଖ୍ୟ ବକ୍ତା ନୀଳମଣି ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼.ତପନ କୁମାର ବେହେରା, ବରେଣ୍ୟ ଅତିଥି ଯୁବ ସମାଜ ସେବୀ ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାନ୍ତି , ସମ୍ମାନିତ ବକ୍ତା ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ର ଅଧ୍ୟାପକ ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଭଗବାନପୁର ଗ୍ରାମ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଭଗବାନ ମହାପାତ୍ର, ସୈନିକ ଶ୍ରୀଯୁକ୍ତ ଭୀମଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ପରିଷଦ ର ସମ୍ପାଦକ କୂଳ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିବା ସହ ଉପଦେଷ୍ଟା ଶ୍ରୀ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ। ଅନୁଷ୍ଠାନ

ତରଫରୁ ଅତିଥି ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇ ଅତିଥିମାନଙ୍କ ଦ୍ୱାରା ଦ୍ୱିପ ପ୍ରଜ୍ୱଳନ କରାଯାଇଥିଲା। ଛାତ୍ରୀ ଜୟସ୍ମିତା ମହାପାତ୍ର ଓ ଅର୍ଚ୍ଚନା ଆଚାର୍ଯ୍ୟ ସ୍ୱାଗତ ସଙ୍ଗୀତ ଗାନ କରିବା ସଙ୍ଗେ ସଙ୍ଗେ ଛାତ୍ରୀ ଅର୍ଚ୍ଚିତା ପ୍ରଧାନ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ସର୍ବପ୍ରଥମେ ସାମୁହିକ ଭାବେ ବାହାନଗା ରେଳ ଦୁର୍ଘଟଣା ରେ ମୃତବରଣ କରିଥିବା ଯାତ୍ରୀ ଓ ବିକାଶ ପରିଷଦ ର ସଭ୍ୟ ଭଗବାନ ପୁର ଗ୍ରାମ ନିବାସୀ ଶ୍ରୀ ଲକ୍ଷ୍ମୀଧର ଦେହୁରୀ ତଥା ବାଲେଶ୍ୱର ରକ୍ତ ଭଣ୍ଡାର ର ଅଧିକାରୀ ଡା ଶ୍ରୀଯୁକ୍ତ ମହେଶ ବିଶ୍ୱାଳ ଙ୍କ ଆତ୍ମାର ସଦ୍ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଗଠନର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରୁ ଚଳିତ ଦ୍ୱାଦଶ ପରୀକ୍ଷାରେ କଳା, ବାଣିଜ୍ୟ ଓ ବିଜ୍ଞାନ ରେ ସର୍ବୋଚ୍ଚ ନମ୍ବର ରଖିଥିବା ଅନ୍ୟୁନ ୨୫ ଜଣ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜଣାଇବା ସହିତ ବିଭିନ୍ନ ଗୁଣରେ ପ୍ରତିଭା ଅର୍ଜନ କରିଥିବା ପ୍ରତିଭାଧାରୀ ଙ୍କ ମଧ୍ୟରେ ବସ୍ତାରୁ ଶ୍ରୀଯୁକ୍ତ ସୁଶାନ୍ତ ପ୍ରଧାନ ଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ଓ ଶ୍ରୀଯୁକ୍ତ ନିରଞ୍ଜନ ବେହେରା ଙ୍କୁ ପ୍ରଶାସନିକ ସେବା ଗୌରବ ତଥା ନୀଳମଣି ମହାବିଦ୍ୟାଳୟ ର ଅଧ୍ୟକ୍ଷ୍ୟ ଡ଼ାଃ ତପନ କୁମାର ବେହେରା ଙ୍କ ସୁପୁତ୍ରୀ ସୁଶ୍ରୀ ଇପ୍ସିତା ବେହେରାଙ୍କୁ ଶ୍ରେଷ୍ଠ ବିଦ୍ୟାର୍ଥୀ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଦେବେନ୍ଦ୍ର ଆଚାର୍ଯ୍ୟ ମାନପତ୍ର ପାଠ କରିଥିଲେ। ପରିଶେଷରେ ଅନୁଷ୍ଠାନ ତରଫରୁ ଶିକ୍ଷକ ଶ୍ରୀଯୁକ୍ତ ବିଶ୍ୱନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ମିଳିମିଶି ଆମେ ସରଗ ରାଇଜ ଗଢ଼ିବୁ : ମାରୱାଡ଼ି ମହିଳା ମଂଚ

ଉଦଳା, ୧୯/୦୬ (ନି.ପ୍ର): ଉଦଳାରେ ରୋଟାରୀ କ୍ଲବ ସହିତ ଇନରହୁଇଲ କ୍ଲବ ମିଳିମିଶି ବର୍ଷ ତମାମ ବିଭିନ୍ନ ପ୍ରକାର ସେବା ମୂଳକ କାମ କରିଚାଲିଛନ୍ତି । ଏଥିପାଇଁ ଉକ୍ତ ଦୁଇ କ୍ଲବର ପ୍ରଶଂସା ବିଭିନ୍ନ ମହଲରେ ଶୁଣିବାକୁ ମିଳିଛି । ସେବା ଗୁଡ଼ିକ ମଧ୍ୟରେ ମା' ବିଣାପାଣୀ ବସ୍ତ୍ର ସଂଗ୍ରହ ଏବଂ ବିତରଣ କେନ୍ଦ୍ର ଗୋଟିଏ । ସମାଜରେ ଏପରିକିଛି ଲୋକ ଅଛନ୍ତି ତାଙ୍କର ଆବଶ୍ୟକତା ଠାରୁ ବହୁ ଅଧିକ ବସ୍ତ୍ର ପାଖରେ ମହଜୁଦ ଅଛି। ପୁଣି ଏପରି କିଛି ଲୋକ ଅଛନ୍ତି ଯେଉଁମାନେକି ପିନ୍ଧା ଲୁଗାଟିଏ ପାଇପାରୁ ନାହାଁନ୍ତି। ଏତିକି ବେଳେ ଗରିବ ଲୋକଙ୍କ ମୁଖରେ ହସ ଫୁଟାଇବା ପାଇଁ ମାଗଣାରେ ବସ୍ତ୍ର ଯୋଗାଇଦେବା ଉଦେଶ୍ୟରେ ଆରମ୍ଭ ହୋଇଛି ବସ୍ତ୍ର ସଂଗ୍ରହ ଏବଂ ବିତରଣ ଅଭିଯାନ । ଯାହାକି ରୋଟାରୀ ଓ ଇନରହୁଇଲ କ୍ଲବ ମିଳିମିଶି ପରିଚାଳନା କରୁଛନ୍ତି । ପ୍ରତ୍ୟେକ ଶନିବାର ଦିନ ୪ ଘଟିକା

ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଏଠାରେ ଗରିବ ଲୋକଙ୍କୁ ମାଗଣାରେ ବସ୍ତ୍ର ବଂଟା ଯାଉଛି । ଏହାଦ୍ୱାରା ବହୁ ଗରିବ ଲୋକ ଉପକୃତ ହେଉଥିବାର ଦେଖିବାକୁ ମିଳୁଛି । ଏହି ସେବାର କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ପାଇଁ ଉଦଳା ସହରରେ ଥିବା ଅଖିଳ ଭାରତୀୟ ମାରୱାଡ଼ି ମହିଳା ମଂଚ ଉଦଳା ଶାଖା, ରୋଟାରୀ ଓ ଇନରହୁଇଲ ସହିତ ହାତ ମିଳାଇଥିବାର ଦେଖିବାକୁ ମିଳିଛି । ରୋଟାରୀ ଓ ଇନରହୁଇଲ କ୍ଲବର ସଦସ୍ୟ ମାନେ ମଧ୍ୟ ଆଜି ଜୁନ ୧୮ ତାରିଖ ରବିବାର ଦିନ ଆନୁଷ୍ଠାନିକ ଭାବେ ଫୁଲତୋଡ଼ା ଦେଇ ମାରୱାଡ଼ି ମହିଳା ମଂଚକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବାର ଦେଖିବାକୁ ମିଳିଛି । ମାରୱାଡ଼ି ମହିଳା ମଂଚର ସଭାପତି ମନିଶ ଅଗ୍ରୱାଲ, ଆମେ ସଂଗ୍ରହ କରୁଥିବା ବସ୍ତ୍ର ଗୁଡ଼ିକୁ ଏଣିକି ମା' ବିଣାପାଣୀ ବସ୍ତ୍ର ସଂଗ୍ରହ ଏବଂ ବିତରଣ କେନ୍ଦ୍ରକୁ ଦାନ କରିବୁ ବୋଲି ବ୍ୟକ୍ତ କରିଥିଲେ। ସେହିପରି ସମ୍ପାଦିକା ସ୍ୱେତା ଖଣ୍ଡେଲୱାଲ, ବସ୍ତ୍ର ଦାନ ଦେଇ ଗରିବ ଲୋକଙ୍କ ମୁଖରେ ହସ ଫୁଟାଇବା ଏକ ପୁଣ୍ୟ କାମ ଅଟେ ବୋଲି କହିଥିଲେ । ରୋଟାରୀ ଓ ଇନରହୁଇଲର ସମସ୍ତ ସଦସ୍ୟ ମାରୱାଡ଼ି ମହିଳା ମଂଚର ଏପରି ସହଯୋଗକୁ ସ୍ୱାଗତ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୌରିନ୍ଦ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo